RNI No.ODIODI/2010/33031
୧୦ମ ବର୍ଷ Volume- 10
ସଂଖ୍ୟା- ୮୫ Issue- 85
ଭୁବନେଶ୍ୱର, ଶନିବାର ୦୮ ଜୁନ୍ ୨୦୧୯
Bhubaneswar, Saturday 08 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# କାଳିଆ ପାଇଁ ଅଧିକ ୩୨୩୪ କୋଟି




- ମୋଟ ୭୫ ଲକ୍ଷ ପରିବାର ସାମିଲ
- ୨୫ ଲକ୍ଷ ଭୂମିହୀନ ଓ ୫୦ ଲକ୍ଷ କ୍ଷୁଦ୍ର ଚାଷୀ

ଭୁବନେଶ୍ୱର, ୭।୬ (ନି.ପ୍ର.): କାଳିଆ ଯୋଜନା ପାଇଁ ରାଜ୍ୟ ସରକାର ଅଧିକ ୩,୨୩୪ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ପରବର୍ତ୍ତୀ ସମୟରେ କାଳିଆ ଯୋଜନାରେ ଯୋଡି ହୋଇଥିବା ୩୩ ଲକ୍ଷ ପରିବାର ଉପକୃତ ହେବେ। କାଳିଆ ଯୋଜନାରେ ମୋଟ ୭୫ ଲକ୍ଷ ପରିବାର ସାମିଲ ହୋଇଛନ୍ତି। ଏଥିମଧ୍ୟରେ ୨୫ ଲକ୍ଷ ଭୂମିହୀନ ଚାଷୀଙ୍କ ସମେତ ୫୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ, ପିଏମ୍ କିଷାନ୍ ଯୋଜନାରେ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ୧୨.୪୫ ଲକ୍ଷ ଚାଷୀଙ୍କ ତାଲିକା ଦେଇଛନ୍ତି। ଜୁଲାଇ ୩୧ ତାରିଖ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ଚାଷୀ ତାଲିକା ଦିଆଯିବ। କେନ୍ଦ୍ର ସରକାର ମୋଟ ୪୬ ଲକ୍ଷ ଚାଷୀଙ୍କ ତାଲିକା ଦେବାକୁ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୯ ଲକ୍ଷ ୩୬ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପିଏମ୍ କିଷାନ୍ ଟଙ୍କା ଦିଆଯାଇଛି ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ ଜୁନ୍ ୪ ତାରିଖରେ କାଳିଆ ଯୋଜନାରେ ଅତିରିକ୍ତ ହିତାଧିକାରୀଙ୍କୁ ରାଜ୍ୟ ସରକାର ମଞ୍ଜୁରି ପ୍ରଦାନ ନେଇ କୃଷି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିରେ ଦର୍ଶାଯାଇଥିଲା ଯେ, ୨୦୧୮-୧୯ରେ ୪୨.୬୬ ଲକ୍ଷ କ୍ଷୁଦ୍ର, ନାମମାତ୍ର, ପ୍ରକୃତ ଚାଷୀ (ଭାଗଚାଷୀ), ଭୂମିହୀନ ଚାଷୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲଶ। ୨୦୧୯-୨୦ରେ ସେହି ତାଲିକାରେ ଅତିରିକ୍ତ ୨.୫ କ୍ଷୁଦ୍ର, ନାମମାତ୍ର, ପ୍ରକୃତ ଚାଷୀ (ଭାଗଚାଷୀ ସହିତ ୫ ଲକ୍ଷ ଭୂମିହୀନ ଚାଷୀ ପରିବାରଙ୍କୁ ଯୋଡି ଯାଇଥିଲା।

## ଆଜି ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ
# ୯ରେ ମୋଦିଙ୍କ ସହ ଭେଟ

ଭୁବନେଶ୍ୱର, ୭।୬ (ନି.ପ୍ର.): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତ କରିବେ। ରାଜ୍ୟର ସ୍ୱାର୍ଥ ସମ୍ବଳିତ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଏହି ଦିଲ୍ଲୀ ଗସ୍ତ ରହିଛି। ଦିଲ୍ଲୀ ରହଣି କାଳରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟାନ୍ୟ କେନ୍ଦ୍ର ମନ୍ତ୍ରୀମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ନବୀନଙ୍କ ଏହି ଭେଟ ସମୟରେ ରାଜ୍ୟର କେତେକ ସ୍ୱାର୍ଥ ସମ୍ବଳିତ ଦାବି ଉପସ୍ଥାପନ କରିବେ ବୋଲି ଜଣାପଡିଛି।

## ବିଜେଡ଼ିକୁ ଫେରିବିନି: ଦାମ



ଭୁବନେଶ୍ୱର, ୭।୬ (ନି.ପ୍ର.): ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତ କହିଛନ୍ତି ଯେ, ତାଙ୍କ ବାପା ଦାମୋଦର ରାଉତ ଭାରତୀୟ ଜନତା ପାର୍ଟିରେ ରହି ଖୁସି ଅନୁଭବ କରୁନାହାନ୍ତି। ରାଜନୈତିକ ଭବିଷ୍ୟତ ନେଇ ପୁଅ ସମ୍ବିତ୍ ରାଉତରାୟ ପ୍ରତିକ୍ରିୟାରେ କହିଛନ୍ତି, ଦାମ ରାଉତ ଜଣେ ଡିସ୍‌ପୋଜେବଲ୍ ଆଇଟମ୍ ନୁହଁନ୍ତି। ରାଜନୀତିରେ ସବୁ ସମ୍ଭବ। ମୁଁ ଅନୁଭବ କରୁଛି ସେ ବିଜେପିରେ ଖୁସି ନାହାନ୍ତି।

ପୁଅ ସମ୍ବିତଙ୍କ ମନ୍ତବ୍ୟ ନେଇ ଦାମ ରାଉତ କହିଛନ୍ତି ଯେ, ମୁଁ ବିଜେପିରେ ଖୁସି ନାହିଁ ବୋଲି ପୁଅ କେମିତି ଜାଣିଲା। ମୋତେ ବିଜେଡ଼ି କାଢ଼ିଦେଲା ବେଳେ ବିଜେପି ଆଦରି ନେଲା। ମୋତେ ବାହାର କରିବା ବେଳେ କୌଣସି କାରଣ ଦର୍ଶାଯାଇନଥିଲା। ତେଣୁ ବିଜେଡିକୁ ଫେରିବା ବିଷୟରେ ମୁଁ ଆଉ ଭାବୁନି।

## ରାଜ୍ୟପାଳଙ୍କୁ ଭେଟିଲେ ଅପରାଜିତା



ଭୁବନେଶ୍ୱର, ୭।୬ (ନି.ପ୍ର.): ମୁଖ୍ୟମନ୍ତ୍ରୀଙ୍କ ପରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତ ଷଡଙ୍ଗୀ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ ଶୁକ୍ରବାର ଦିନ ଭେଟିଛନ୍ତି। ନିଜ ନିର୍ବାଚନ ମଣ୍ଡଳୀର ସମସ୍ୟା ସମ୍ପର୍କରେ ସେ ରାଜ୍ୟପାଳଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟପାଳଙ୍କୁ ଭେଟିବା ପରେ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ବିକାଶକୁ ନେଇ ରାଜନୀତି କରିବା ଉଚିତ୍ ନୁହେଁ। ବିକାଶ ଦଳଠାରୁ ଉର୍ଦ୍ଧ୍ୱରେ।

ଏହାପରେ ଶ୍ରୀମତୀ ଷଡଙ୍ଗୀ ଦାରୁଠେଙ୍ଗ ଡମ୍ପିଂୟାର୍ଡ ପରିଦର୍ଶନ କରିଥିଲେ। ଡମ୍ପିଂୟାର୍ଡକୁ ନେଇ ଦେଖା ଦେଇଥିବା ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିବା ସହ ଖୁବ୍‌ଶୀଘ୍ର ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ।

## ୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ

ମାଲକାନଗିରି, ୭।୬ (ନି.ପ୍ର): ମାଲକାନଗିରି ପୋଲିସ୍ ଶିଖପାଲି ଛକଠାରେ ଛତିଶଗଡ଼କୁ ଚୋରାଚାଲାଣ ହେଉଥିବା ଏକ ଗଞ୍ଜେଇ ଗାଡିକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ମାଲକାନଗିରି ଥାନା ପୋଲିସ୍ କୌଣସି ଏକ ବିଶେଷ ସୂତ୍ରରୁ ଏକ ୪୦୭ ଗାଡି ଯୋଗେ କାଲିମେଳା ଅଞ୍ଚଳରୁ ଗଞ୍ଜେଇ ଚାଲାଣ କରାଯାଉଥିବା ସୂଚନା ପାଇଥିଲା। ସୂଚନାକୁ ଭିତ୍ତି କରି ଏସ୍‌ଆଇ କୁନାଲ କୁମାରଙ୍କ ସହିତ ଥାନା ପୋଲିସ୍‌ର ଏକ ଟିମ୍ ଶିଖପାଲି ଛକରେ ଛକି ରହିଥିଲେ। ଗାଡିଟି ସେଠାରେ ପହଞ୍ଚିବା କ୍ଷଣି ପୋଲିସ୍ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡିରୁ ୫ କ୍ୱିଣ୍ଟାଲ ଗଞ୍ଜେଇ ଥିବା ଧରାପଡିଥିଲା। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି।

## ଆମେରିକାର ନାଲି ଆଖି ସତ୍ତ୍ୱେ ଋଷିଆଠାରୁ ଏସ୍-୪୦୦ କିଣିବ ଭାରତ

ନୂଆଦିଲ୍ଲୀ, ୭।୬ (ନି.ପ୍ର.): ଆମେରିକାର କଟକଣା, ଧମକ ଓ ନାଲିଆଖି ସତ୍ତ୍ୱେ ଭାରତ ଋଷିଆଠାରୁ ଏସ୍-୪୦୦ ଟ୍ରିୟମ୍ଫ ମିସାଇଲ୍ ଡିଫେନ୍ସ ସିଷ୍ଟମ କିଣିବା ପାଇଁ ବାତିଲ କରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଭାରତ ସରକାର। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ, ଭାରତ ଏସ୍-୪୦୦ କିଣିବା ପାଇଁ ଚୁକ୍ତି କରିସାରିଛି ଓ ଏହି ଚୁକ୍ତିକୁ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନିଆଯାଉଛି। ଏଣୁ ଏହି ଚୁକ୍ତିରୁ ଓହରିବାର ପ୍ରଶ୍ନ



ଉଠୁନାହିଁ। ତେବେ ଏହି ପ୍ରସଙ୍ଗରେ ଆମେ ଆମେରିକା ସରକାର ଓ ୟୁଏସ୍ କଂଗ୍ରେସ ସହ କଥାବାର୍ତ୍ତା ଚାଲୁ ରଖିଛି। ଏହାର ସମାଧାନ ମଧ୍ୟ ବାହାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଋଷିଆଠାରୁ ଯଦି ଭାରତ ଏସ୍-୪୦୦ ଟ୍ରିୟମ୍ଫ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ କିଣେ ତେବେ ତାହାର ଖରାପ ପ୍ରଭାବ ଦୁଇଦେଶର ପ୍ରତିରକ୍ଷା ସମ୍ପର୍କ ଉପରେ ପଡିବ ବୋଲି ଆମେରିକା ଚେତାଇ ଦେଇଛି। ଆମେରିକାର ଜଣେ ସଚିବ କହିଛନ୍ତି ଯେ, ଭାରତ ଏହି ମିସାଇଲ୍ ଡିଫେନ୍ସ ସିଷ୍ଟମ କିଣିଲେ ଆମେରିକା କଟକଣା ଲଗାଇବାକୁ ବାଧ୍ୟ ହେବ।

## ରଜନୀକାନ୍ତ ସିଂହ ଉପବାଚସ୍ପତି ମନୋନୀତ



ଭୁବନେଶ୍ୱର, ୭।୬ (ନି.ପ୍ର.): ଆଜି ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂହଙ୍କୁ ଚଳିତ ବିଧାନସଭାର ଉପ-ବାଚସ୍ପତି ପଦବୀ ନିମନ୍ତେ ବିଜୁ ଜନତା ଦଳ ତରଫରୁ ପ୍ରାର୍ଥୀ ଭାବେ ମନୋନୀତ କରିଥିବା ବେଳେ ଧର୍ମଶାଳା ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟଙ୍କୁ ସରକାରୀ ଉପ-ମୁଖ୍ୟ ସଚେତକ ଭାବରେ ନିଯୁକ୍ତି ଦେଇଛନ୍ତି ବୋଲି ଦଳର ରାଜ୍ୟ ସାଧାରଣ ସଂପାଦକ ବିଜୟ ନାୟକ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

## ବିଳମ୍ବ ହେବ ମୌସୁମୀ



ଭୁବନେଶ୍ୱର, ୭।୮ (ନି.ପ୍ର.): ଓଡ଼ିଶାକୁ ବିଳମ୍ବରେ ଛୁଇଁବ ମୌସୁମୀ। ଏବେ ଯେଉଁ ବର୍ଷା ହେଉଛି ତାହା ପ୍ରାକ୍ ମୌସୁମୀ ନୁହେଁ। ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ କାରଣରୁ ବର୍ଷା ହେଉଛି। ଆସନ୍ତା ୮ରେ ମୌସୁମୀ କେରଳ ଉପକୂଳ ଛୁଇଁବା ନେଇ ସମ୍ଭାବନା କରାଯାଉଛି। ତେଣୁ ଓଡ଼ିଶାରେ ମୌସୁମୀ ପହଞ୍ଚିଲା ବେଳକୁ ବିଳମ୍ବ ହେବ ବୋଲି ଆଇଏମ୍‌ଡିର ବରିଷ୍ଠ ବୈଜ୍ଞାନିକ ସୋମା ସେନ୍ ରାୟ ସୂଚନା ଦେଇଛନ୍ତି।

ପୂର୍ବରୁ ୬ରେ କେରଳ ମୌସୁମୀ ଛୁଇଁବ ଏବଂ ଏହା ପରେ ୧୦ ସୁଦ୍ଧା ଓଡ଼ିଶା ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା। କିନ୍ତୁ ଏବେ ଏଥିରେ ବିଳମ୍ବ ଦେଖାଦେଲାଣି। ମୌସୁମୀ ପହଞ୍ଚିବା ନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ଆକଳନ ହୋଇପାରି ନାହିଁ। ଏବେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କାରଣରୁ ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ତେବେ ମୌସୁମୀ ଓଡ଼ିଶା ଛୁଇଁଲା ବେଳକୁ ବିଳମ୍ବ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଓଡ଼ିଶାରେ ଆୟୁଷ୍ମାନ ଯୋଜନାକୁ ନବୀନ ଲାଗୁ କରାନ୍ତୁ: ବିଜେପି

ଭୁବନେଶ୍ୱର, ୭।୬ (ନି.ପ୍ର.): କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବ୍‌କା ସାଥ୍ ସବ୍‌କା ବିକାଶ ସବ୍‌କା ବିଶ୍ୱାସ ନୀତିରେ ସାରା ଭାରତ ବର୍ଷର ବିକାଶ ପାଇଁ କାମ କରୁଛନ୍ତି। ନବୀନ ବାବୁ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ଯାଇ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାକୁ ଓଡିଶାରେ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଓ ଭାରତୀୟ ଜନତା ପାର୍ଟି ବାରମ୍ବାର ଅନୁରୋଧ କରିଛି। ଏବେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରି ବର୍ଷକୁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧାର ଲାଭ ଓଡିଶାବାସୀଙ୍କୁ ଦେବାରେ ବାଧକ ନସାଜି ସହଯୋଗ କରନ୍ତୁ ବୋଲି ରାଜ୍ୟ କାର୍ଯ୍ୟାଳୟ ଠାରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାରେ ପ୍ରାୟ ଏକ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ କେନ୍ଦ୍ରୀୟ ଅନୁଦାନର ଲାଭ ସିଧାସଳଖ ଓଡିଶାବାସୀଙ୍କ ପକେଟକୁ ଯିବ । ଏହି କେନ୍ଦ୍ରୀୟ ଅନୁଦାନ ଗରୀବ ଓଡିଆ ଲୋକମାନଙ୍କ ଚିକିତ୍ସା ଖର୍ଚ୍ଚକୁ ଉଠାଇ ପାରିବ । ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାକୁ ଓଡିଶାରେ ଲାଗୁ କରାଯାଉ। ଦଳୀୟ ରାଜନୀତିରେ ଗରିବ ଓଡିଆ ଲୋକମାନେ ବଳି ନପଡନ୍ତୁ । ଆୟୁଷ୍ମାନ ଯୋଜନା ହେତରେ ପାଖାପାଖି ୧୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନର ଲାଭ ଓଡିଆ ଲୋକ ପାଇବେ । ତାକୁ ହାତ ଛଡା କରିବା ଉଚିତ୍ ନୁହେଁ । ରାଜ୍ୟ ସରକାର ତୁରନ୍ତ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନାକୁ ଓଡିଶାରେ ଲାଗୁ କରନ୍ତୁ । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ରାଜ୍ୟ ମୁଖପାତ୍ର ଶ୍ରୀ ଉମାକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।




## ପ୍ରଦେଶ କଂଗ୍ରେସ ସେବାଦଳର ନିର୍ବାଚନ ସମୀକ୍ଷା ବୈଠକ




ଭୁବନେଶ୍ୱର, ୭।୬ (ନି.ପ୍ର.): ଆଜି ଓଡିଶା ପ୍ରଦେଶ କଂଗ୍ରେସ ସେବାଦଳର ନିର୍ବାଚନ ସମୀକ୍ଷା ବୈଠକ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ସେବାଦଳ ରାଜ୍ୟ ମୁଖ୍ୟ ସଂଗଠକ ବିରେନ୍ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଦେଶରେ ଗତ ନିର୍ବାଚନ ଏକ ଭିନ୍ନ ବିଚାରଧାରାରେ ହୋଇଛି। କେନ୍ଦ୍ରର ବିଜେପି ସରକାର ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପନ୍ଥା ଅବଲମ୍ବନ କରିଛନ୍ତି। ପାକିସ୍ତାନ ବିରୁଦ୍ଧରେ ମୋଦି ସ୍ୱର ଉତୋଳନ କରି ଜନମତକୁ ବିଭ୍ରାନ୍ତ କରିଛନ୍ତି। ଯାହା ଭବିଷ୍ୟତରେ ଭାରତର ଗଣତନ୍ତ୍ର ପ୍ରତି ବିପଦ ଅଟେ। ସେହିଭଳି ଓଡିଶାରେ ବିଜେଡି ଦଳ ସରକାରୀ କଳ, ଅର୍ଥବଳ ଓ ବାହୁବଳ ପ୍ରୟୋଗ କରି ନିର୍ବାଚନକୁ ହାତଇେବାରେ ସକ୍ଷମ ହୋଇଛି। ରାଜ୍ୟରେ ସେବାଦଳ ପୂର୍ବଭଳି ସଂଗଠିତ ହୋଇ କାର୍ଯ୍ୟ କରିବା ପାଇଁ ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରଶିକ୍ଷଣ ଶିବିରମାନ ଅନୁଷ୍ଠିତ ହେବା ଦରକାର ବୋଲି ସେ ପ୍ରକାଶ କରିଥିଲେ।

ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ ବକ୍ତବ୍ୟରେ କହିଥିଲେ ଯେ, ଗତ ନିର୍ବାଚନରେ ଖୁବ୍ କମ୍ ସ୍ଥାନରେ ଦଳୀୟ ପ୍ରାର୍ଥୀମାନେ ସେବାଦଳର କର୍ମୀମାନଙ୍କୁ ବିଶ୍ୱାସକୁ ନେଇ ନିର୍ବାଚନ କାର୍ଯ୍ୟରେ ସାମିଲ କରାଇଥିବା ବେଳେ ବହୁ ସ୍ଥାନରେ ସେବାଦଳକୁ ନିର୍ବାଚନ ପ୍ରଚାରରୁ ଦୂରେଇ ରଖିଥିଲେ ଯାହା ଅତ୍ୟନ୍ତ କ୍ଷୋଭର ବିଷୟ। ବାରମ୍ବାର ଦାବି ସତ୍ତ୍ୱେ ଗତ ନିର୍ବାଚନରେ ସେବାଦଳର କାହାକୁ ପ୍ରାର୍ଥୀ କରାଯାଇ ନାହିଁ ବୋଲି ବୈଠକରେ ଦୁଃଖ ପ୍ରକାଶ ପାଇଥିଲା। ଗତ ନିର୍ବାଚନର ବିବରଣୀ ସେବାଦଳ ପକ୍ଷରୁ ଏଆଇସିସି କର୍ମକର୍ତ୍ତା, ଅଖିଳ ଭାରତ କଂଗ୍ରେସ ସେବାଦଳ ଓ ରାଜ୍ୟ ତଥ୍ୟ ଅନୁଧ୍ୟାନ କମିଟିର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ବୈଠକର ପ୍ରାରମ୍ଭରେ ବନ୍ଦେ ମାତରମ୍ ଗାନ କରାଯିବା ସହ ଶେଷରେ ଜାତୀୟ ସଂଗୀତ ଗାନ କରାଯାଇ ବୈଠକ ସାଂଗ କରାଯାଇଥିଲା। ବୈଠକ ଶେଷରେ ରାଜ୍ୟ ସେବାଦଳ ମହିଳା ସଂଗଠିକା ଉଷାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବୈଠକରେ ସେବାଦଳ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ମୁଖ୍ୟ ସଂଗଠକ ଓ ସଂଗଠିକା ସର୍ବଶ୍ରୀ ଜ୍ୟୋତିଷ କୁମାର ସାହୁ, ନିଲେଶ ପାତ୍ର, ମହମ୍ମଦ ଶାହାଦୁଲ୍ଲା, କୁଳମଣି ସାହୁ, ରଂଜିତା ମଲ୍ଲିକ, ମୂରଲୀ ଯାଦବ, ଜୟଦେବ ପରିଡା, ଛବି ମହାନ୍ତି, ବିରେନ୍ଦ୍ର ମହନ୍ତ, ନିରୁପମା ଜଗତ, ଲଳିତ କୁମାର ସାହୁ, ସୁବାଷ ମଲ୍ଲିକ, ବାଲାଜୀ ମାଦଳା, ଜାନକୀ ବଲ୍ଲଭ ରାଉତ ଓ କିଶୋର କପୁର ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ହାଇୱା ଓ ଟ୍ରାକ୍ଟର ପୋଡିଲେ ମାଓବାଦୀ



ରାଉରକେଲା, ୭।୮ (ନି.ପ୍ର.): କିଛିଦିନର ନିରବତା ପରେ ପୁଣି ରାଉରକେଲାରେ ନକ୍ସଲଙ୍କ ପ୍ରଦୁର୍ଭାବ ଦେଖିବାକୁ ମିଳିଛି। ଝାଡଖଣ୍ଡ ସୀମାନ୍ତ ବୋନୋ ହୋଟିଂ ଗ୍ରାମରେ ୪ଟି ଗାଡିକୁ ନକ୍ସଲମାନେ ଜାଳି ଦେଇଛନ୍ତି। ଗତକାଲି ରାତ୍ରରେ ବାଇକ୍‌ରେ କିଛି ଯୁବକ ଆସି ବୋନୋ ହୋଟିଂ ଗ୍ରାମରେ ୨ଟି ହାଇୱା ସହ ୨ଟି ଟ୍ରାକ୍ଟରକୁ ନକ୍ସଲମାନେ ଜାଳି ଦେଇଛନ୍ତି। ଏହା ସହ ଫାଙ୍କା ଗୁଳିଚାଳନା ମଧ୍ୟ ସେମାନେ କରିଛନ୍ତି। ଏଥିରେ ଭୟଭୀତ ହେଶଇ ଗାଡିର ଡ୍ରାଇଭରମାନ ଜଙ୍ଗଲ ମଧ୍ୟକୁ ପଳାଇଥିଲେ। ତେବେ ଏହା ନକ୍ସଲ କିମବା ପିଏଲ୍‌ଏଫଆଇ ସଦସ୍ୟଙ୍କ କାମ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି କିମ୍ବା ଅପରେସନ୍‌କୁ ଜୋରଦାର କରିଛି।

## ଡାହୁକ



ଭାଉ ଖାଇବାକୁ ବାହାପିଆ କଥା
ଲୋକଙ୍କୁ ଦେଖେଇ ହୋଇ
ଯେମିତିକା ମୋଦି ସେମିତି ନବୀନ
କଅମ ନୁହଁନ୍ତି କେହି
ଜେଟେଁ ଜେଝାଁଙ୍କ ସ୍ୱାର୍ଥରେ ବାଇ
ଆଙ୍କୁନେଇ ରାଜ୍ୟ ଦେଶର ଅବସ୍ଥା
କେବେ ସୁଧରିବ ନାହିଁ।

-ବିଧୁ

ଶନିବାର, ୮ ଜୁନ୍ ୨୦୧୯, ଭୁବନେଶ୍ୱର
Saturday, 8 June 2019, Bhubaneswar



ମହାପୁରୁଷଙ୍କ ଲେଖନୀରୁ ...

ତମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ବିଜେପୁର ଅଗ୍ନି ପରୀକ୍ଷା

ନିର୍ବାଚନ ସରୁ ନସରୁଣୁ ପୁଣି ନିର୍ବାଚନର ପ୍ରତିଧ୍ୱନି । ପୁଣି ଥରେ ଉପ ନିର୍ବାଚନ । ସ୍ୱର୍ଗତ ସୁବଳ ସାହୁଙ୍କ ଦେହାନ୍ତ ପରେ ଉପ ନିର୍ବାଚନ, ୨୦୧୯ ସାଧାରଣ ନିର୍ବାଚନ, ଆଉ ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ଆସନ ଛାଡିଦେବାରୁ ଆଉ ଏକ ଉପ ନିର୍ବାଚନ । ପାଟକୁରା ଓ ବିଜେପୁର ଉପ ନିର୍ବାଚନ ଶାସକ ବିଜେଡ଼ି ଓ ବିରୋଧୀ ବିଜେପି ପାଇଁ ଅତ୍ୟନ୍ତ ଗୁରୁତ୍ୱବହନ କରୁଥିବାରୁ ଏହା ଉପରେ ଏବେ ସମସ୍ତଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହୋଇ ରହିଛି । ବେଦପ୍ରକାଶଙ୍କ ପରଲୋକ ଯୋଗୁ ପାଟକୁରା ନିର୍ବାଚନ ସ୍ଥଗିତ ରହିଥିଲା ବେଳେ, ସାଧାରଣ ନିର୍ବାଚନର ଶେଷ ପର୍ଯ୍ୟାୟ ମେ' ୧୯କୁ ନିର୍ବାଚନ ତାରିଖ ଧାର୍ଯ୍ୟ ହୋଇଥିଲା । ମାତ୍ର ବାତ୍ୟା ଫନି ଯୋଗୁ ଏହି ଉପ ନିର୍ବାଚନକୁ ବାତିଲ କରାଯାଇଛି । ଏହି ଉପ ନିର୍ବାଚନ ପରବର୍ତ୍ତୀ ସମୟରେ କରାଯିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ । ଏଠାରୁ ବିଜେପି ବିଜୟ ମହାପାତ୍ରଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିଜେଡ଼ି ପକ୍ଷରୁ ବେଦପ୍ରକାଶଙ୍କ ବିଧବା ପତ୍ନୀ ସାବିତ୍ରୀ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରିଛି । ଯାହା ଜଣାପଡୁଛି ଉଭୟ ବିଜେପୁର ଓ ପାଟକୁରା ଦୁଇଟି ଯାକ ଉପ ନିର୍ବାଚନ ଏକ ସମୟରେ ଅନୁଷ୍ଠିତ ହେବ । ଏଭଳି ସ୍ଥିତିରେ ଉଭୟ ବିଜେପୁର ଓ ପାଟକୁରା ପାଇଁ ବିଜେଡ଼ି ଓ ମୁଖ୍ୟ ବିରୋଧୀ ବିଜେପି ଜିତିବା ପାଇଁ ନିଜର ସବୁ ଶକ୍ତି ଲଗାଇ ଦେବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ବିଧାନସଭା ଆସନ ଛାଡ଼ିବା ପରେ ରାଜନୈତିକ ପାଣିପାଗ ଉଷ୍ଣ ହୋଇ ଉଠିଛି । ପଶ୍ଚିମ ଓଡ଼ିଶାରୁ ନିର୍ବାଚନ ଲଢ଼ିବାକୁ ତାଙ୍କୁ ଅନୁରୋଧ ଆସିଥିବା ନବୀନ ପଟ୍ଟନାୟକ ନିଜେ ଘୋଷଣା କରିଥିଲେ ଏବଂ ପରେ ବିଜେପୁରରୁ ନିର୍ବାଚନ ମଧ୍ୟ ଲଢ଼ିଥିଲେ । ବିଜେପୁରରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିର୍ବାଚନ ଲଢ଼ିବା କେବଳ ବିଜେପୁର ନୁହଁ ବରଗଡ ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାବାସୀଙ୍କ ମନରେ ଅନେକ ଆଶା ସଞ୍ଚାର କରିଥିଲା । କିନ୍ତୁ ନିଜ ପାରମ୍ପରିକ ଆସନ ହିଞ୍ଜିଳିକୁ ରଖି ଯେଭଳି ଢଙ୍ଗରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନକୁ ଛାଡିଛନ୍ତି, ତାହା ଲୋକଙ୍କ ବିଶ୍ୱାସଭଙ୍ଗ ଛଡା ଆଉ କିଛି ନୁହେଁ । ଏହା ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଜେପୁର ଆସନ ଛାଡିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ୨୦୧୭ର ଉପ ନିର୍ବାଚନ ଭଳି ବିଜେପୁର ପାଇଁ ଗୁଡାଏ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି । ୨୦୧୮ ମସିହା ବିଜେପୁର ଉପ ନିର୍ବାଚନ, ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ଓ ଆସନ୍ନ ଉପ ନିର୍ବାଚନ ପାଇଁ ପ୍ୟାକେଜ ଘୋଷଣା ନାମରେ ବିଜେପୁର ବାସୀଙ୍କୁ ମୁଖ୍ୟମନ୍ତ୍ରୀ ବାରମ୍ବାର ପ୍ରତାରିତ କରିଛନ୍ତି । କାରଣ ଗୋଟିଏ ମଧ୍ୟ ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପାଳନ କରାଯାଇ ନାହିଁ । କେବଳ ଗୋଟିଏ ଘୋଷଣାକୁ ବାରମ୍ବାର କହି ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କ ସମେତ ସମସ୍ତ ପଶ୍ଚିମାଞ୍ଚଳବାସୀଙ୍କ ଭାବନା ସହ ଖେଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ଅଭିଯୋଗ କରିଛି । ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାକୁ ଗୁରୁତ୍ୱ ଦେଉଛନ୍ତି ଓ ଅନେକ ଯୋଜନା କରୁଛନ୍ତି । ହେଲେ ଏବେ କାହିଁକି ବିଜେପୁରବାସୀଙ୍କୁ ପ୍ରତ୍ୟାଖାନ କଲେ ତାହା ଆଶ୍ଚର୍ଯ୍ୟର ବିଷୟ । ବିଜେପି ଦଳର ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ବିଜେପୁର ଇସ୍ତଫାକୁ ପଶ୍ଚିମ ଓଡ଼ିଶା ପ୍ରତି ଅପମାନ ବୋଲି ଦର୍ଶାଇ ବିଜେଡ଼ି ବିରୋଧରେ ଅଭିଯାନ ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାବାସୀଙ୍କ ସହ ପ୍ରତାରଣା କରିଛନ୍ତି । ବିଜେପୁରବାସୀଙ୍କୁ ପ୍ରଲୋଭିତ କରି ଭୋଟ ପାଇବା ପରେ ଏବେ ହିଞ୍ଜିଳି ଆସନ ରଖି ବିଜେପୁର ବିଧାୟକ ପଦରୁ ଇସ୍ତଫା ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି । ଏକଦା କଂଗ୍ରେସ ଗଡ ଭାବେ ଜଣାଶୁଣା ବିଜେପୁର ବିଧାନସଭା ଆସନ ବିଗତ ଦୁଇବର୍ଷ ହେଲା ରାଜ୍ୟ ରାଜନୀତିରେ ଫୋକସରେ ଆସିଛି । ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ସୁବଳ ସାହୁ ୫୩,୨୯୦ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ବିଜେଡ଼ିର ପ୍ରସନ୍ନ ଆଚାର୍ଯ୍ୟଙ୍କୁ ମିଳିଥିଲା ୫୨୮୩୨ ଭୋଟ । ୨୦୧୭ରେ କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ପତ୍ନୀ ରିତା ସାହୁଙ୍କୁ ବିଜେଡ଼ି ଉପ ନିର୍ବାଚନରେ ପ୍ରାର୍ଥୀ କରିଥିଲା । ବହୁ କସରତ ପରେ ବିଜେଡ଼ି ପ୍ରାର୍ଥୀ ରିତା ୪୧ ହଜାର ଭୋଟରେ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଅଶୋକ ପାଣିଗ୍ରାହୀଙ୍କୁ ପରାଜୟ କରିଥିଲେ । ଏବେ ଏହି ଆସନକୁ ହାତେଇବା ପାଇଁ ବିଜେଡ଼ି, ବିଜେପି ଓ କଂଗ୍ରେସ ତତ୍ପର ହୋଇ ଉଠିଛନ୍ତି । ଏହି ଉପ ନିର୍ବାଚନରେ ଉପରୋକ୍ତ ତିନିଟି ଦଳ ନିଜ ନିଜ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଏବେଠାରୁ ଯୋଜନା ପ୍ରସ୍ତୁତ କରୁଥିବାରୁ ଏଠାରେ କେଉଁ ଦଳ ଜିତିବ ଓ କିଏ ହାରିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଲାଣି । ଏଭଳି ସ୍ଥିତିରେ ଗତ ଉପ ନିର୍ବାଚନ ଓ ନିକଟରେ ଶେଷ ହୋଇଥିବା ନିର୍ବାଚନରେ ବାଜିମାରିଥିବା ବିଜେଡ଼ି ପାଇଁ ପୁଣିଥରେ ଚ୍ୟାଲେଞ୍ଜ ସୃଷ୍ଟି ହୋଇ । ବିଜେପୁରବାସୀ ବିଜେଡ଼ି ପ୍ରତି ଅକୁଣ୍ଠ ସମର୍ପଣ ଅଜାଡି ଦେଇଛନ୍ତି କିନ୍ତୁ ଏଥର ଉପ ନିର୍ବାଚନରେ ଠିକ୍ ପ୍ରାର୍ଥୀ ଚୟନ କରିବା ବିଜେଡ଼ି ଲାଗି ସହଜ ହେବନାହିଁ ବୋଲି ଆଶଙ୍କା କରାଯାଉଛି । କାହିଁକି ନା ଯିଏକି ଏଠାରେ ବିଜେଡ଼ି ପ୍ରାର୍ଥୀ ହେବ, ସେ ସିଧା ନବୀନଙ୍କ ବଦଳରେ ବିଜେଡ଼ିରୁ ଦଳୀୟ ପ୍ରାର୍ଥୀ ହେବ । ଏଠାରୁ ବିଜେଡ଼ି କାହାକୁ ପ୍ରାର୍ଥୀ କରିବ ତାହା ଚୂଡାନ୍ତ ହୋଇନଥିଲେ ମଧ୍ୟ ଗତ ଉପନିର୍ବାଚନରେ ବିଜୟୀ ରୀତା ସାହୁଙ୍କ ନାମ ସର୍ବାଧିକ ଚର୍ଚ୍ଚାରେ ରହିଛି । ତାଙ୍କ ବ୍ୟତୀତ ଦଳର ଯୁବ ନେତା ପ୍ରତାପ ଆଦିତ୍ୟ ମିଶ୍ରଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସୁଛି । ବିଜେପି ଛାଡି ବିଜେଡ଼ିରେ ଯୋଗ ଦେଇଥିବା ନାରାୟଣ ସାହୁ, ବିଜେଡ଼ିରେ ଯୋଗ ଦେଇଥିବା ଗତ ଉପ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପ୍ରଣୟ ସାହୁଙ୍କ ନାମ ମଧ୍ୟ ଆଲୋଚନାରେ ରହିଛି । ବିଜେପି ଛାଡି ବିଜେଡ଼ିରେ ଯୋଗ ଦେଇଥିବା ସୁବାସ ଚୌହ୍ୱାନଙ୍କୁ ମଧ୍ୟ ବିଜେଡ଼ି ପ୍ରାର୍ଥୀ କରିବା ନଈେ ଢେର ସମ୍ଭାବନା ରହିଛି । ସେପଟେ ମହିଳା ଚେହେରା ଭାବେ ଶ୍ରୀମୟୀ ମିଶ୍ର ମଧ୍ୟ ଚର୍ଚ୍ଚାରେ ଅଛନ୍ତି । ମୁଖ୍ୟମନ୍ତ୍ରୀ ବିଜେପୁର ଆସନ ଛାଡିଥିବାରୁ ଏବଂ ରାଜ୍ୟରେ ବିଜେଡ଼ି ସରକାର ଆସିଥିବାରୁ ବିଜେଡି ଏଠାରେ ପୁଣି ନିଜ ବିଜୟକୁ ନିଶ୍ଚିତ କରିବାକୁ ସବୁ କଳ ଓ ବଳ ଲଗାଇବ । ବିଜେପୁର ବିଜୟ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ଏଠାରେ ବିଜେପିକୁ ଦଳ ଆଦୌ ବାଟ ଛାଡିବ ନାହିଁ । ହେଲେ ୨୦୧୮ ପରି ୨୦୧୯ରେ ବିଜେଡ଼ି ପାଇଁ ଏହି ଆସନକୁ ହାତେଇବା ସେତେଟା ସହଜ ହେବନି । ସେହିପରି ବିଜେପି ପକ୍ଷରୁ ପଦ୍ମପୁରର ପୂର୍ବତନ ବିଧାୟକଙ୍କୁ ବିଜେପୁର ଉପ ନିର୍ବାଚନ ପାଇଁ ପ୍ରାର୍ଥୀ କରାଯାଇପାରେ । ଅନ୍ୟପଟେ ନବୀନଙ୍କ ବିରୋଧରେ ଲଢ଼ି ୫୩ହଜାରରୁ ଅଧିକ ଭୋଟ ପାଇଥିବା ସନତ ଗଡତିଆଙ୍କୁ ଦଳ ପୁଣି ଥରେ ସୁଯୋଗ ଦେଇପାରେ । କଂଗ୍ରେସ ମଧ୍ୟ ବିଜେପୁର ଆସନ ପୁଣି ନିଜ ଖାତାକୁ ନେବା ପାଇଁ ଚେଷ୍ଟା କରିବ । ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତାଙ୍କ ନାମ କଂଗ୍ରେସ ଶିବିରରେ ଚର୍ଚ୍ଚା ହେଉଛି । ବିଜେପୁର ଉପ ନିର୍ବାଚନ ଫଳାଫଳ ସାଂପ୍ରତିକ ରାଜନୈତିକ ସ୍ଥିତାବସ୍ଥାକୁ ପ୍ରଭାବିତ କରିବାର ସମ୍ଭାବନା ନାହିଁ; କିନ୍ତୁ ଏହା ଆଗାମୀ ଦିନର ରାଜନୈତିକ ଚିତ୍ରପଟ ସଂପର୍କରେ ଯଥେଷ୍ଟ ସଂକେତ ଦେବ । ସେହି ଦୃଷ୍ଟିରୁ ଏହି ଉପ ନିର୍ବାଚନର ଫଳାଫଳର ପ୍ରଭାବ କେବେଳ ବିଜେପୁର ବା ବରଗଡ ଜିଲ୍ଲାକୁ ନୁହଁ ସାମଗ୍ରିକ ଭାବରେ ସାରା ରାଜଜ୍ଜରେ ଏହାର ପ୍ରଭାବ ଅନୁଭୂତ ହେବ ।

# ଧର୍ମନିରପେକ୍ଷତା ଭାରତୀୟ ସମ୍ବିଧାନର ମୂଳପିଣ୍ଡ

ଗୋପାଳ ମହାପାତ୍ର

ମେଘାଳୟ ହାଇକୋର୍ଟଙ୍କ ଖଣ୍ଡପୀଠ ନିକଟରେ ସେଇ ହାଇକୋର୍ଟଙ୍କ ଜଣକିଆ ପୀଠ ଦେଇଥିବା ଏକ ବିବାଦୀୟ ରାୟକୁ ବଦଳାଇ ଦେଇଛନ୍ତି। ବିଚାରପତି ସୁଦୀପ ରଞ୍ଜନ ସେନ ଗତ ବର୍ଷ ଡ଼ିସେମ୍ବର ମାସରେ ଏକ ମାମଲାର ବିଚାର କରି କହିଥିଲେ ଯେ "ବିଭାଜନବେଳେ ଭାରତ ବର୍ଷକୁ ହିନ୍ଦୁ ରାଷ୍ଟ ଘୋଷଣା କରାଯିବାର ଥିଲା, କିନ୍ତୁ ଧର୍ମନିରପେକ୍ଷ ରାଷ୍ଟ୍ର କରିଦିଆଗଲା"। ବିଚାରପତି ସେନଙ୍କ ଏହି ମନ୍ତବ୍ୟକୁ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ମହମ୍ମଦ ଯାକୁବ ମୀର ଏବଂ ବିଚାରପତି ଏଚ୍ ଏସ୍ ଥଙ୍ଗକ୍ୟୁଙ୍କ ଖଣ୍ଡପୀଠ ଆଇନ୍ ଅନୁଯାଇ ତୃଟିପୂର୍ଣ୍ଣ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ଅନୁସାରେ ନୁହେଁ ବୋଲି ଦର୍ଶାଇଛନ୍ତି। ଏହି ଦୁଇଜଣିଆ ଖଣ୍ଡପୀଠ ବିଚାରପତି ସେନଙ୍କ ନିଷ୍ପତ୍ତିକୁ ଖାରଜ କରିବା ସହ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ ସେ ଯେଉଁ ରାୟ ଦେଇଥିଲେ ଓ ନିର୍ଦ୍ଦେଶ ଜାରି କରିଥିଲେ ତାହା ସଂପୂର୍ଣ୍ଣ ନିରର୍ଥକ, ଏଣୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିବ ନାହିଁ। ମେଘାଳୟ ହାଇକୋର୍ଟଙ୍କ ଖଣ୍ଡପୀଠ ଯେଉଁ ରାୟ ଦେଇଛନ୍ତି ତାହା ସମ୍ବିଧାନ ସମ୍ମତ ତଥା ସମ୍ବିଧାନର ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ଖଣ୍ଡପୀଠଙ୍କ ରାୟ ପରେ ବିଚାରପତି ସୁଦୀପ ରଞ୍ଜନ ସେନ ଦେଇଥିବା ରାୟରେ ଧର୍ମନିରପେକ୍ଷତା ଉପରେ ଯେଉଁ ପ୍ରଶ୍ନ ଉଠାଇଥିଲେ ତା ଉପରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି।

ସେନାବାହିନୀରେ ଭର୍ତ୍ତି ହେବା ପାଇଁ ଆବଶ୍ୟକ ପଡୁଥିବା ମୂଳନିବାସୀ ପ୍ରମାଣପତ୍ର (ରେସିଡ଼େନସିଆଲ ସାର୍ଟିଫିକେଟ) ପ୍ରଦାନ ସମ୍ପର୍କୀତ ଏକ ମାମଲାର ବିଚାର କରି ବିଚାରପତି ସେନ ବିବାଦୀୟ ବୟାନ ଦେଇଥିଲେ। ମୂଳନିବାସୀ ପ୍ରମାଣ ପତ୍ର ପାଇଁ ଆବେଦନ କରିଥିବା ଜଣେ ବ୍ୟକ୍ତିଙ୍କୁ ମେଘାଳୟର ସଂପୃକ୍ତ ବିଭାଗୀୟ ଅଧିକାରୀ ମନା କରିଦେବା ପରେ ବ୍ୟକ୍ତି ଜଣକ ମେଘାଳୟ ହାଇକୋର୍ଟରେ ମାମଲା ଦାୟର କରିଥିଲେ ଓ ମାମଲାର ବିଚାର କରିଥିଲେ ବିଚାରପତି ସୁଦୀପ ରଞ୍ଜନ ସେନ। ବିଚାରପତି ସେନ ମାମଲାଟିର ବିଚାର କରି କହିଥିଲେ ଦେଶରେ ଏଭଳି ଆଇନ୍ ପ୍ରଣୟନ ହେବା ଉଚିତ୍ ଯାହାଫଳରେ ପାକିସ୍ଥାନ, ବଙ୍ଗଳାଦେଶ ଏବଂ ଆଫଗାନିସ୍ଥାନରୁ ଆସୁଥିବା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାରସି, ଖ୍ରୀଷ୍ଟିଆନ, ଖାସି ଏବଂ ସବୁ ଲୋକଙ୍କୁ ବିନା ବାଧାରେ ଭାରତବର୍ଷର ନାଗରିକତା ପ୍ରଦାନ କରିହେବ। ଏମାନଙ୍କୁ କୌଣସି ପ୍ରଶ୍ନ କରାଯିବ ନାହିଁ କିମ୍ବା କୌଣସି ତଥ୍ୟର ଆବଶ୍ୟକତା ରହିବ ନାହିଁ। ସେ ତାଙ୍କ ରାୟରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ଆଇନ୍ ମନ୍ତ୍ରୀ ଏବଂ ସଂସଦମାନଙ୍କୁ ଏଭଳି ଆଇନ୍ ପ୍ରଣୟନ ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ବିଚାରପତି ସେନଙ୍କ ଏହି ରାୟକୁ ନେଇ ସେତେବେଳେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ବିଶେଷ କରି ରାୟ ସାଥିରେ ଯେଉଁ ଟିପ୍ପଣୀ ବିଚାରପତି ସେନ୍ ଦେଇଥିଲେ ତାହା ଅତ୍ୟନ୍ତ ଆପତ୍ତିଜନକ ଏବଂ ସମ୍ବିଧାନ ବିରୋଧି ଥିଲା। ବିଚାରପତି ସେନଙ୍କ ଏହି ବିବାଦୀୟ ରାୟକୁ ବିରୋଧ କରି ସୁପ୍ରିମ୍‌କୋର୍ଟରେ ଏକ ମାମଲା ଦରଜ କରାଯାଇଥିଲା। ସେନଙ୍କ ବିବାଦୀୟ ଟିପ୍ପଣୀ ହଟାଇବା ପାଇଁ ଆବେଦନ କରାଯାଇଥିଲା। ଆବେଦନକାରୀ ଦର୍ଶାଇଥିଲେ ଯେ ବିଚାରପତି ସେନଙ୍କ ଟିପ୍ପଣୀ ନାଗରିକତା ଆଇନ୍ ର ଉଲଙ୍ଘନ ଅଟେ। ବିଚାରପତି ସେନ ଭାରତବର୍ଷକୁ ହିନ୍ଦୁଙ୍କର ଓ ହିନ୍ଦୁଙ୍କ ପାଇଁ ଦେଶ ବୋଲି ପରୋକ୍ଷରେ କହିଥିବାରୁ ତାଙ୍କୁ ବିଚାରପତି ପଦରୁ ହଟାଯିବା ପାଇଁ ଆବେଦନକାରୀ ସୁପ୍ରିମ୍‌କୋର୍ଟଙ୍କୁ ନିବେଦନ କରିଥିଲେ। ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ରଞ୍ଜନ ଗୋଗେଇଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣୀ କରି ଆବେଦନକାରୀଙ୍କୁ ତାଙ୍କ ଆବେଦନରେ କେତେକ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦେଇଥିଲେ। ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ କହିଥିଲେ ଯେ ମେଘାଳୟ ହାଇକୋର୍ଟର ବିଚାପତି ସେନଙ୍କୁ ହଟାଯିବା ପାଇଁ ଅବେଦନକାରୀ ଯାହା କହିଛନ୍ତୁ ତାକୁ ସଂଶୋଧନ କରି କେବଳ ବିବାଦୀୟ ଟିପ୍ପଣୀକୁ ରଦ୍ଦ କରାଯିବା ପାଇଁ ଆବେଦନ କରାଗଲେ ତାହା ବିଚାରଯୋଗ୍ୟ ହେବ। ସୁପ୍ରିମ୍‌କୋର୍ଟଙ୍କ ଇଜଲାସରେ ଏ ପ୍ରସଙ୍ଗରେ ଏକ ଜନସ୍ୱାର୍ଥ ମାମଲା ଏବେ ବିଚାରାଧିନ ରହିଛି। ଇତି ମଧ୍ୟରେ ମେଘାଳୟ ହାଇକୋର୍ଟଙ୍କ ଖଣ୍ଡପୀଠ ଏ ପ୍ରସଙ୍ଗରେ ନିଜର ରାୟ ଶୁଣାଇ ସ୍ପଷ୍ଟ ଭାବେ କହିଛନ୍ତି ଯେ "ବିଚାରପତି ସେନ ତାଙ୍କ ରାୟରେ ଯାହାସବୁ କହିଛନ୍ତି ତାହା ପ୍ରକୃତ ପ୍ରସଙ୍ଗ ନଥିଲା। ତାଙ୍କ ଟିପ୍ପଣୀ ଯୋଗୁଁ ଦେଶର ଧର୍ମନିରପେକ୍ଷ ସ୍ୱରୂପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି"। ମେଘାଳୟ ହାଇକୋର୍ଟଙ୍କ ଖଣ୍ଡପୀଠ ଏହି ମନ୍ତବ୍ୟ ଦେବା ସହ ସ୍ପଷ୍ଟ କରିଦେଇଛନ୍ତି ଯେ ଯଦିଓ ସୁପ୍ରିମ୍‌କୋର୍ଟଙ୍କ ଇଜଲାସରେ ଏ ସମ୍ପର୍କୀତ ଏକ ମାମଲା ବିଚାରାଧିନ ରହିଛି ତଥାପି ତାଙ୍କ ରାୟ କାର୍ଯ୍ୟକାରୀ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମେଘାଳୟ ହାଇକୋର୍ଟଙ୍କ ଖଣ୍ଡପୀଠ ଜଣିକିଆ ପୀଠଙ୍କ ରାୟକୁ ରଦ୍ଦ କରି ଯାହା ରାୟ ଶୁଣାଇଛନ୍ତି ତାହା ସମ୍ବିଧାନର ଅନୁରୂପ। ବିଚାରପତି ସୁଦୀପ ରଞ୍ଜନ ସେନଙ୍କ ବିଚାର ଦେଶର ସମ୍ବିଧାନର ଉଲ୍ଲଙ୍ଘନ ଏବଂ ସଂବିଧାନର ଅବଧାରଣାର ବିପରୀତ ବୋଲି ଖଣ୍ଡପୀଠ ମଧ୍ୟ କହିଛନ୍ତି। ସମ୍ବିଧାନର ପ୍ରସ୍ତାବନାରେ ଘୋଷଣା କରାଯାଇଛି ଯେ ଭାରତ ବର୍ଷ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ସମ୍ବିଧାନ ଅନୁସାରେ ଭାରତ ବର୍ଷରେ ସବୁ ଧର୍ମକୁ ସମାନ ଅଧିକାର ମିଳିଛି। ଏଣୁ ହିନ୍ଦୁ ରାଷ୍ଟ୍ର ସପକ୍ଷରେ କହିବାର ଅର୍ଥ ହେଉଛି ସମ୍ବିଧାନ ତୃଟିପୂର୍ଣ୍ଣ। ହାଇକୋର୍ଟର ବିଚାରପତି ଭଳି ମହତ୍ୱପୂର୍ଣ୍ଣ ପଦରେ ଆସୀନ ହୋଇ ଏଭଳି ମନ୍ତବ୍ୟ ଦେବା ସମୀଚିନ ନୁହେଁ ବୋଲି ଖଣ୍ଡପୀଠ ମଧ୍ୟ ଉଲ୍ଲେଖ କରିଛନ୍ତି।

କଥାହେଉଛି ଯେତେବେଳେ ଜଣେ ବିଚାରପତି ଶପଥ ଗ୍ରହଣ କରନ୍ତି ସେତେବେଳେ ସମ୍ବିଧାନ ର ସୁରକ୍ଷା ଓ ପାଳନ ପାଇଁ ଶପଥ ନେଇଥାନ୍ତି। ତାଙ୍କ ପାଖକୁ ଯେଉଁ ମାମଲା ବିଚାର ପାଇଁ ଯିବ କୌଣସି ଭେଦ ଭାବ ନରଖି ସମାନ ବିଚାର ପ୍ରଦାନ କରିବେ। କିନ୍ତୁ ଏ ପ୍ରସଙ୍ଗରେ ବିଚାରପତି ସେନ କେବଳ ସମ୍ବିଧାନର ମୂଳ ଭାବନାକୁ ଅଣଦେଖା କରିନାହାଁନ୍ତି, ସେ ଦେଇଥିବା ଟିପ୍ପଣୀରେ ଏକ ନିର୍ଦ୍ଦିଷ୍ଟ ଧର୍ମର ଲୋକଙ୍କ ପ୍ରତି ପକ୍ଷପାତିତା ପ୍ରଦର୍ଶନ କରିଥିବା ସ୍ପଷ୍ଟ। ସମ୍ବିଧାନର ମୂଳ ଆଧାର ଧର୍ମନିରପେକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ରାଜନୀତି ଓ ଆଇନ୍ ସଂପୂର୍ଣ୍ଣ ଅଲଗା। କିନ୍ତୁ ବିଚାରପତି ସେନ ରାଜନୀତିର ସଂବେଦନଶୀଳ ପ୍ରସଙ୍ଗ ଉପରେ ନିଜର ବିଚାର ବ୍ୟକ୍ତ କରିବା ପାଇଁ ନିଜର ପଦବୀକୁ ବ୍ୟବହାର କରିଛନ୍ତି, ଯାହା ସଂପୂର୍ଣ୍ଣ ଭୁଲ୍ ଏବଂ ନ୍ୟାୟିକ ସ୍ୱାଧିନତା ଏବଂ ମର୍ଯ୍ୟଦାର ପରିପନ୍ଥୀ। ବିଚାରପତିମାନଙ୍କର ଏଭଳି ମନ୍ତବ୍ୟ ନ୍ୟାୟପାଳିକା ର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ସହ ନ୍ୟାୟପାଳିକା ଉପରୁ ଲୋକଙ୍କର ବିଶ୍ୱାସ ତୁଟାଇ ଦେଇଥାଏ। ବିଚାରପତିମାନେ ନିରପେକ୍ଷତା ଅବଲମ୍ବନ କଲେ ଲୋକଙ୍କ ବିଶ୍ୱାସ ଅତୁଟ ରହିବ। ଧର୍ମନିରପେକ୍ଷତା ଭାରତୀୟ ସଂବିଧାନର ମୂଳ ପିଣ୍ଡ ଏବଂ ଏହାର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ।

*ରାମଚନ୍ଦ୍ରପୁର, ରଣପୁର*

# ସାମ୍ବାଦିକଙ୍କ ଗାଈଆଳ କଳି

ସୌମେନ୍ଦ୍ର ଜେନା

ନିର୍ବାଚନ ୨୦୧୯ ଇତି ମଧ୍ୟରେ ଶେଷ ହୋଇଯାଇଛି । ହେଲେ ଏହି ନିର୍ବାଚନ ପ୍ରଚ୍ଚର କାଳରେ ଅନେକ ଲୋକଙ୍କୁ ସମାଜ ନିକଟରେ ଲଙ୍ଗଳା କରିଦେଇଯାଇଛି, ଚେହେରାକୁ ସମସ୍ତଙ୍କ ନିକଟରେ ମୁଖାବିହୀନ କରିଦେଇଛି। ବୌଦ୍ଧିକତାର ଆଳରେ ଗାଈଆଳ ପିଲାଙ୍କ ପରି ଲଢୁଥିବା ଅନେକ ସାମ୍ବାଦିକଙ୍କ ସ୍ୱରୂପକୁ ପଦାରେ ପକାଇଛି । ଗାଈଆଳ ପିଲାମାନେ ଗୋରୁ ଚରାଇବାକୁ ନେଇଥିଲା ବେଳେ ପରସ୍ପରକୁ ଲଙ୍ଗଳା ଭାଷାରେ ଗାଳିଦେଇ କଳିରେ ମାତିଥାନ୍ତି । ଠିକ୍ ସେମିତି ଇଲେକଟ୍ରୋନିକ୍ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆ ସବୁଠୁ ଅଧିକ ସକ୍ରୀୟ ଓ ମୁଖର ହୋଇଥିବାରୁ ନିର୍ବାଚନ କାଳରେ ଅଧିକ ଆଲୋଚନା ସମାଲୋଚନା ଏହା ମାଧ୍ୟମରେ ହିଁ ଦେଖିବାକୁ ମିଳିଥିଲା । ଈର୍ଷାପ୍ରଧାନ, ବିଦ୍ୱେଷଯୁକ୍ତ ଭାଷା ଓ ଭାବନା ପ୍ରଚ୍ଚର ସମୟରେ ଦେଖିବାକୁ ମିଳିଥିଲା । ସାମ୍ବାଦିକମାନେ ଦଳଗୁଡ଼ିକର ପ୍ରବକ୍ତାମାନଙ୍କ ପରି ପରସ୍ପରକୁ ସମାଲୋଚନା କରିବା ଦେଖାଯାଇଥିଲା । ଏହାର କାରଣ ଆଜି ଯେତେ ରାଜନୀତି ଆଖିଆଗରେ ହେଉଛି ତାଠାରୁ ଅଧିକ ଆଢୁଆଳରେ ହେଉଛି । କେହି ସମାଜସେବା ନାମରେ, କେହି ଅର୍ଥନୀତିଜ୍ଞ ନାମରେ , ପୁଣି କେହି ବୁଦ୍ଧିଜୀବୀ ଅଥବା ସାମ୍ବାଦିକ ନାମରେ କରୁଥିଲେ । ଆମ ଦେଶରେ ଲେଖକ ଓ ବୁଦ୍ଧିଜୀବୀମାନେ ଆପଣାର ସ୍ୱାର୍ଥ ଓ ପୁରସ୍କାର, ଉପର୍ଢୌକନ ପାଇବା ଆଗ୍ରହରେ ଅନେକ କ୍ଷେତ୍ରରେ ଛତାବାଦୀ ହୋଇଥାନ୍ତି । ଏହି ଛତାବାଦୀ ଶବ୍ଦଟି ଆମେ ସୁବିଧାବାଦୀ ଶବ୍ଦ ବଦଳରେ ପ୍ରୟୋଗ କରୁଛୁ । ସେମିତି ସାମ୍ବାଦିକମାନେ ନିଜର ମାଲିକ, ଚ୍ଚକିରୀ କରୁଥିବା ସଂସ୍ଥା ଆଦିର ସ୍ୱାର୍ଥ ଓ ଆଭିମୁଖ୍ୟକୁ ନେଇ ଲଢେଇ କରୁଛନ୍ତି । ଯେମିତି ସୁଭାଷ ଚନ୍ଦ୍ରାଙ୍କ ଟିଭିର ସମ୍ବାଦ ଉପସ୍ଥାପକ ସୁଧୀର ଚୈଧୁରୀ ନିଜ ବିରୋଧୀ ସାମ୍ବାଦିକଙ୍କୁ ଡିଜାଇନର ପତ୍ରକାର କହି ଗାଳି ଦେଇଥାନ୍ତି । ଅପର ପକ୍ଷରେ ଏନ୍‌ଡିଟିଭିର ରବିଶ କୁମାର, ନିଉଜ ୱିକର ଅଭିସାର ଶର୍ମା ପ୍ରମୁଖ କେନ୍ଦ୍ର ସରକାରଙ୍କ ସପକ୍ଷରେ ତର୍କ କରୁଥିବା ଅଞ୍ଜନା ଓମ୍ କାଶ୍ୟପ, ରୋହିତ ସରଦାନା ଏବଂ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ସରକାରଙ୍କ କୋଳରେ ବସିଥିବା ସାମ୍ବାଦିକ ବା ଗୋଦି ମିଡିଆ କହି ସମାଲୋଚନା କରିଥାନ୍ତି । ରାଜଦୀପ ସରଦେଖାଇ, ପୁଣ୍ୟପ୍ରସୂନ ବାଜପେୟୀ, ବର୍ଖାଦତ୍ତ ପ୍ରମୁଖ ଦେଶରେ ପାକ୍ ସମର୍ଥକ ସନ୍ତ୍ରାସବାଦୀଙ୍କ ସ୍ୱାର୍ଥରକ୍ଷାପାଇଁ କହିବାକୁ ଯାଇ ଅନ୍ୟମାନଙ୍କୁ କଟୁ ଭାଷାରେ ଗାଳି ଦେଇଥାନ୍ତି ଦଳୀୟକର୍ମୀ ଭାବେ କହ୍ନେୟା କୁମାର, ସ୍ୱରା ଭାସ୍କର, ଜିଗ୍ନେଶ ମେୱାଣୀ ଯେପରି ଘୃଣା ସୃଷ୍ଟିକାରୀ ମନ୍ତବ୍ୟମାନ ଦେଇଥାନ୍ତି । ସେମିତି ସେମାନଙ୍କୁ ସମର୍ଥନ କରିବା ଲାଗି ଜାଭେଦ ଅଖତାର, ଶବନା ଅଜମୀ ନସିରୁଦ୍ଦିନ ଶାହଙ୍କ ପରି ପରିଚିତ କଳାକାରମାନେ ଆଖଡାଶାଳକୁ ଓହ୍ଲାଇଲା ପରେ ଋଷିକପୁର, ଅକ୍ଷୟ କୁମାର, ପରେଶ ରାୱଲ, ମନୋଜ ତିୱାରୀ, ବବୁଲ ସୁପ୍ରିୟୋ, ସୋନୁ ନିଗମ, ଅନୁପମ ଖୈରଙ୍କ ପରି କଳାକାରଙ୍କୁ ସାମ୍ନା କରିବାକୁ ହୋଇଥାଏ । ଦେଶର ଗଣମାଧ୍ୟମରେ ପୂର୍ବରୁ କଂଗ୍ରେସ ଓ କମ୍ୟୁନିଷ୍ଟ ଦଳ ସମର୍ଥିତ ଗୋଷ୍ଠୀ ଅଧିକ ରହିଥିଲେ ମଧ୍ୟ ବିଗତ ଦିନମାନଙ୍କରେ ସରକାରକୁ ଆସିବା ପରେ ବିଜେପି ମଧ୍ୟ ଗଣମାଧ୍ୟମକୁ ସାହାଯ୍ୟ କରିବାରେ କିଛି ପଛରେ ପଡିନାହିଁ । ଫଳତଃ ମୁଖ୍ୟଧାରାର ମିଡିଆରେ କଂଗ୍ରେସ ଓ କମ୍ୟୁନିଷ୍ଟ ଗୋଷ୍ଠୀଙ୍କ ତୁଳନାରେ ସୋସିଆଲ ମିଡିଆ କ୍ଷେତ୍ରରେ ଅଧିକ ସମର୍ଥନ ଦେଇ ବିଜେପି ଅନେକ ଛୋଟମିଡିଆ ବା ୟୁଟ୍ୟୁବ ନିଉଜ୍‌ପୋର୍ଟାଲଗୁଡ଼ିକୁ ବଜାରକୁ ଆସିବାରେ କାରଣ ହୋଇଛି । ନୂତନପିଢିର ଦର୍ଶକ ଓ ଶ୍ରୋତାଗଣ ଏବେ ମୋବାଇଲ ମାଧ୍ୟମରେ ଗୋଟିଏ ମୁହୂର୍ତ୍ତରେ ତତ୍‌କାଳ ସୂଚନା ପାଇବାକୁ ଅଧିକ ନିଉଜ୍ ଦେଖୁଛନ୍ତି । ତେଣୁ ଏହି ସୋସିଆଲ ମିଡିଆ କ୍ଷେତ୍ରରେ ଏବେ ଗାଈଆଳ ସାମ୍ବାଦିକ ଗୋଷ୍ଠୀଙ୍କ ସଂଖ୍ୟା ସବୁଠୁ ଅଧିକ । କେତେକ ମୁଖ୍ୟ ମିଡିଆ ହାଉସ୍ ମଧ୍ୟ ନିଜ ନିଉଜ୍ କ୍ଲିପଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଏମିତି କେତେକ ସହଯୋଗୀ ୟୁଟ୍ୟୁବ ଚ୍ୟାନେଲକୁ ନିଜ ସଙ୍ଗରେ ରଖୁଛନ୍ତି, ଯେଉଁମାନେ ବ୍ୟକ୍ତିଗତସ୍ତରକୁ ଓହ୍ଲାଇ ଗାଳିଦେବାରେ ସାହାଯ୍ୟ କରୁଛନ୍ତି । ଯେମିତି ଲଲ୍ଲନଟପ୍ ଆଜତକ୍ ଏବଂ ଇଣ୍ଡିଆଟୁଡେ ଗୋଷ୍ଠୀର ସହାୟକ ଭାବେ କାର୍ଯ୍ୟ କଲାବେଳେ ନିଉଜ୍ ୨୪, ହକ୍ ଫିଡ୍ ନିଉଜ୍ ପରି ସଂସ୍ଥା ଜୀଟିଭି ସମର୍ଥକ ହୋଇ କାର୍ଯ୍ୟ କରୁଛନ୍ତି । ସେମିତି ଏଚ୍ କେ. ଦୁଆଙ୍କ ପୁତ୍ର ବିନୋଦ ଦୁଆ ତାଙ୍କ ନିଉଜ୍ ଚ୍ୟାନେଲ ଦି ୱାୟାର ମାଧ୍ୟମରେ କେତେକ ବିଷୟରେ କଂଗ୍ରେସକୁ ସମର୍ଥନ କଲାପରି ଦର୍ଶାଇବାରୁ ତାଙ୍କ ବିରୋଧୀମାନେ ଅତି ପ୍ରଚଣ୍ଡ ସମାଲୋଚନା କରିବାରୁ ବିନୋଦଙ୍କୁ ସୁରକ୍ଷା ଦେବାଲାଗି ତାଙ୍କ ଝିଅକୁ ଆସିବାକୁ ହୋଇଥିଲା । ବିଶେଷକରି ରାଫେଲ ମାମଲା, ମହାରାଷ୍ଟ୍ରରେ ଜାତିଗତ ସଂଘର୍ଷ, ଉତ୍ତର ଭାରତରେ ଗୋ-ରକ୍ଷକଙ୍କ ଦ୍ୱାରା ଆକ୍ରମଣ, ଯୋଗୀ ସରକାର ଦ୍ୱାରା ଚମଡା ଓ ମାଂସ ଶିଳ୍ପ ଉପରେ କଟକଣା ଲଗାଯିବା ହେତୁ କମ୍ୟୁନିଷ୍ଟ ନେତା ପ୍ରକାଶ କରାତଙ୍କ ସଂପର୍କୀୟ ତଥା ଏନଡିଟିଭିର ମାଲିକ ପ୍ରଣୟ ରୟଙ୍କ ନିଜସ୍ୱ ମିଡିଆ ସାମ୍ବାଦିକ ଏବଂ ସହଯୋଗୀ ରବିଶ କୁମାରଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ପ୍ରଚଣ୍ଡ ସମାଲୋଚନା କରାଯାଇଥିଲା । ବିଶେଷ କରି ଜେଏନୟୁ ପ୍ରସଙ୍ଗରେ କହ୍ନେୟା କୁମାର ଏବଂ ତାଙ୍କ ଗୋଷ୍ଠୀଙ୍କ ବିଭାଜନକାରୀ ଉତ୍ତେଜକ ମନ୍ତବ୍ୟକୁ ଏନ୍‌ଡିଟିଭି ସମର୍ଥନ କଲାପରେ ଅନ୍ୟ କେତେକ ମିଡିଆ ତାକୁ ରାଷ୍ଟ୍ରଦ୍ରୋହ କାର୍ଯ୍ୟ ଭାବେ ବର୍ଣ୍ଣନା କରି ଏତେ ପ୍ରଚ୍ଚର କଲେ ଯେ କହ୍ନେୟା ହୀରୋ ସଦୃଶ ସାରା ଦେଶକୁ ବୁଲିଲେ ଜଣେ ନେତା ଭାବେ ଉଦ୍‌ବୋଧନ ଦେବାଲାଗି । ସେ ତାଙ୍କ ନକାରାତ୍ମକ ଢଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କଲାବେଳେ ତାଙ୍କ ବିରୋଧୀ ଗଣମାଧ୍ୟମରେ ସାମ୍ବାଦିକମାନେ ସକ୍ରୀୟ ହୋଇ ଲେଖିବାକୁ ଲାଗିଲେ । ଦେଖୁ ଦେଖୁ ଅଳ୍ପ କେଇଟା ଦିନ ମଧ୍ୟରେ ଛାତ୍ର କହ୍ନେୟା ନିଜକୁ ନକାରାତ୍ମକ ନେତାଭାବେ ପ୍ରତିଷ୍ଠିତ କରି ଗତ ଲୋକସଭା ନିର୍ବାଚନରେ ବେଗୁସରାୟ ଆସନରୁ କମ୍ୟୁନିଷ୍ଟ ଦଳର ପ୍ରାର୍ଥୀ ହେଲେ । କହ୍ନେୟାଙ୍କ ଗୋଷ୍ଠୀର ଗୋମାଂସ ଭକ୍ଷଣ ସପକ୍ଷରେ ପ୍ରଚ୍ଚର, କାଶ୍ମୀର ସନ୍ତ୍ରାସବାଦୀଙ୍କ ସମର୍ଥନରେ ବକ୍ତବ୍ୟ ଦେଶକୁ ଖଣ୍ଡବିଖଣ୍ଡିତ କରିବାପାଇଁ ଅଯଥା ଦାମ୍ଭିକ ଆହ୍ୱାନକୁ ସୋସିଆଲ ମିଡିଆରେ ଅନେକ ଉତ୍ତେଜକ ଗାଳି ଦେଇ ସମାଲୋଚନା କରାଗଲା । ଏହି ଲଢେଇରେ କେନ୍ଦ୍ର ସରକାରଙ୍କ ସମର୍ଥକ ଗୋଷ୍ଠୀ ଏବଂ ବିରୋଧୀ ଗୋଷ୍ଠୀର ସାମ୍ବାଦିକମାନେ ବ୍ୟକ୍ତିଗତ ସମାଲୋଚନାରେ ଚରମସୀମାକୁ ଯାଇ ପରସ୍ପରକୁ ଚ୍ୟାଲେଞ୍ଜ ଦେବାପରି କାର୍ଯ୍ୟ କଲେ । କେବଳ ସେତିକି ନୁହେଁ ଏହି ଲଢେଇରୁ ବ୍ୟକ୍ତିଗତ ସ୍ତରକୁ ସେମାନେ ଓହ୍ଲାଇବା ସହ ସ୍ତ୍ରୀ ଓ ପିଲାଙ୍କ ସଂପର୍କକୁ ମଧ୍ୟ ଏହା ଭିତରକୁ ଟାଣିନେଇ ଆସିଲେ । ଏପରିକି ପାରିବାରିକ ମତଭେଦ ନେଇ ପରସ୍ପରକୁ ସମାଲୋଚନା କରାଗଲା । ବିଷୟକୁ କେନ୍ଦ୍ରକରି ଆରମ୍ଭ ହୋଇଥିବା ଆଲୋଚନା ଶେଷରେ ମର୍ଯ୍ୟାଦାହାନି କରିବା ସ୍ତରକୁ ଖସିଆସିଲା, ୟୁଟ୍ୟୁବ ଚ୍ୟାନେଲଗୁଡ଼ିକ ଏଥିରେ ଆଗୁଆ ଭୂମିକା ନେଲେ ।

ଗତ ପାଞ୍ଚ ବର୍ଷରେ କେନ୍ଦ୍ର ସରକାରଙ୍କୁ ସମର୍ଥନ ଓ ବିରୋଧ ପ୍ରସଙ୍ଗକୁ ନେଇ ଅନେକ ମିଡିଆ ମଧ୍ୟରେ ତିକ୍ତତାପୂର୍ଣ୍ଣ ଲଢେଇ ଦେଶରେ ସାମ୍ବାଦିକତାର ମାନକୁ ହ୍ରାସ କରିଛି । ଗଣମାଧ୍ୟମରେ କାର୍ଯ୍ୟକରୁଥିବା ଲୋକେ ଦଳୀୟ ନେତାମାନଙ୍କ ସ୍ତରକୁ ଖସିଯାଇ ପରସ୍ପରର ପ୍ରଚଣ୍ଡ ସମାଲୋଚକ ସାଜିଛନ୍ତି । ତେବେ ସାମ୍ବାଦିକମାନଙ୍କ ମଧ୍ୟରେ ଚ୍ଚଲିଥିବା ଏହି ଗାଈଆଳ କଳି ଯୋଗୁ ସାଧାରଣରେ ମିଡିଆ ପ୍ରତି ସମ୍ମାନବୋଧ ହ୍ରାସପାଇଛି । ଏହାଛଡା ଗଣମାଧ୍ୟମର ମାଲିକମାନେ ଏମ୍‌ଏଲଏ, ଓ ଏମ୍‌ପି ହୋଇ ଛିଡାହେବାଲାଗି ଆଗ୍ରହରଖି ଯେପରି ବାହାରି ପଡୁଛନ୍ତି ତଦ୍ୱାରା ଗଣମାଧ୍ୟମ ସମୟେ ସମୟେ ମାଲିକଙ୍କ ଦଳକୁ ସମର୍ଥନ କଲାପରି କାର୍ଯ୍ୟକରି ବିରୋଧୀଙ୍କୁ ସମାଲୋଚନା କରିବାକୁ ଆଗେଇଯାଉଛି । ଲଢେଇରେ ସେଠାରେ ଚ୍ଚକିରୀ କରିଥିବା ଲୋକେ ନିଜର ଆଗ୍ରହ ନଥାଇ ମଧ୍ୟ ସମାଲୋଚନାରେ ସାମିଲ ହେଉଛନ୍ତି । ବେଳେବେଳେ ମିଛ ଖବରକୁ ଏମିତି ଜୋର ଦେଇ ପ୍ରଚ୍ଚର କରାଯାଉଛି ଯେ ତାକୁ କେନ୍ଦ୍ରକରି ସାଧାରଣ ଦର୍ଶକ ଦୁଇଗୋଷ୍ଠୀରେ ବିଭକ୍ତହୋଇ ତାଳି-ଗାଳିରେ ମାତିଯାଉଛନ୍ତି । ଓଡିଶାର ବଲାଙ୍ଗୀରକୁ ନିର୍ବାଚନ ପ୍ରଚ୍ଚର କରିବାକୁ ଆସିଥିବା ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଓହ୍ଲାଇବା ଲାଗି ହଜାର ହଜାର ସଂଖ୍ୟାରେ ଗଛଗୁଡ଼ିକୁ କଟାଯାଇଥିବା ନେଇ ଏକ ମିଥ୍ୟାଖବର ଏନ୍‌ଡିଟିଭି ପ୍ରଚ୍ଚର କଲା । ଦୃଶ୍ୟରେ ଅନ୍ୟ ଏକ ସ୍ଥାନର ପଡିଆକୁ ଦେଖାଇଲା । ଏହି ମିଛ ଖବର ପ୍ରସାରିତ ହେବାପରେ ସୋସିଆଲ ମିଡିଆରେ ଦୁଇଗୋଷ୍ଠୀ ହୋଇ ସାମ୍ବାଦିକମାନେ ଲଢେଇ ଓ ବିତର୍କରେ ମାତିଗଲେ ।

ଦେଶରେ ସୋସିଆଲ ମିଡିଆ ଏବେ କୁଟୀର ଶିଳ୍ପରେ ପରିଣତ ହୋଇଥିଲା ବେଳେ ଏହା ମାଧ୍ୟମରେ ସଂଖ୍ୟାଧିକ ମିଛ ଖବରକୁ ସତ ଖବର ଭାବେ ଦର୍ଶାଯାଇ ପ୍ରସାରିତ କରାଯାଉଛି । ସାମ୍ବାଦିକମାନଙ୍କ ମଧ୍ୟରେ ରାଜନୀତିକ ଦୃଷ୍ଟି ଓ ଦର୍ଶନକୁ କେନ୍ଦ୍ର କରି ଏ ପ୍ରକାର ଲଢେଇ ଆଦୌ ଠିକ୍ ନୁହେଁ । ଏହା ଚତୁର୍ଥ ସ୍ତମ୍ଭର ସମ୍ମାନହାନି ସହ ନିରପେକ୍ଷତା ଧର୍ମର ପରିପନ୍ଥୀ ।

*ଏଲ- ୨୫୭*
*(ତଳମହଲା)*
*ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ*
*ଭୁବନେଶ୍ୱର-୭୫୧୦୦୩*



# ବଜାରକୁ ଆସିଲା ଏଚ୍‌ଏମ୍‌ଡି ଗ୍ଲୋବାଲ୍ ଅତ୍ୟାଧୁନିକ ନୋକିଆ ୨.୨



ଭୁବନେଶ୍ୱର,୭।୬(ନି.ପ୍ର): ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ନୂତନ ନୋକିଆ ୨.୨ ସ୍ମାର୍ଟଫୋନ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି। ୫.୭ ଇଞ୍ଚର ବିଶାଳ ସ୍କ୍ରିନ୍ ଥିବା ଏହି ସ୍ମାର୍ଟଫୋନ୍ ଏଆଇ-ପାୱାରଯୁକ୍ତ ଲୋ ମୁନ୍ ଲାଇଟ୍ ଇମେଜିଂ, ଫେସ୍ ଅନ୍‌ଲକ୍ ଓ ଗୋଟିଏ ମାତ୍ର ବଟନ୍ ଦବାଇ ଗୁଗୁଲ୍ ଆସିଷ୍ଟାଣ୍ଟ ଆଦି ସୁବିଧା ପ୍ରଦାନ କରୁଛି। ଡାଇରେକ୍ଟ ସେଲ୍ଫି ନଚ୍ ସହିତ ଏହା ଗ୍ରାହକମାନଙ୍କୁ ଅତ୍ୟାଧୁନିକ ଆଣ୍ଡ୍ରଏଡ୍ ଅନୁଭୂତି ପ୍ରଦାନ କରୁଛି। ଆଣ୍ଡ୍ରଏଡ୍ ୯ ପାଇ ସହ ଆସୁଥିବା ଏହି ଫୋନ୍ ଦୁଇ ବର୍ଷର ଓଏସ୍ ଅପ୍‌ଗ୍ରେଡ୍, ତିନି ବର୍ଷର ମାସିକ ସିକ୍ୟୁରିଟି ଅପ୍‌ଡେଟ୍ ପ୍ରଦାନ କରିବା ସହିତ ଆଣ୍ଡ୍ରଏଡ୍‌ର ସମସ୍ତ ଅତ୍ୟାଧୁନିକ ପରିଚାଳନାକୁ ନିଶ୍ଚିତ କରୁଛି। ଏହି ବର୍ଗରେ ନୋକିଆ ୨.୨ ହେଉଛି ପ୍ରଥମ ସ୍ମାର୍ଟଫୋନ୍, ଯାହା ବାୟୋମାଟ୍ରିକ୍ ଫେସ୍ ଅନ୍‌ଲକ୍ ବୈଶିଷ୍ଟ୍ୟ ପ୍ରଦାନ କରୁଛି। ୫.୭୧ ଇଞ୍ଚ ଏଚ୍‌ଡି + ଏଜ୍-ଟୁ-ଏଜ୍ ଡିସ୍‌ପ୍ଲେ ୪୦୦-ନିଟ୍‌ସ ବ୍ରାଇଟ୍‌ନେସ୍ ପ୍ରଦାନ କରି ଆକର୍ଷଣିୟ ଦର୍ଶନ ଅନୁଭୂତି ପ୍ରଦାନ କରୁଛି।

ଜୁହୋ ସର୍ଭିକାଶ, ମୁଖ୍ୟ ଉତ୍ପାଦ ଅଧିକାରୀ, ଏଚ୍‌ଏମ୍‌ଡି ଗ୍ଲୋବାଲ୍ ପ୍ରକାଶ କରିଛନ୍ତି, ଋଆମେ ବିଶ୍ୱାସ କରୁ ଯେ, ଇଣ୍ଡଷ୍ଟ୍ରିରେ ଅତ୍ୟାଧୁନିକ ଓ ବୃହତ ଆବିଷ୍କାରଗୁଡ଼ିକ ସମସ୍ତଙ୍କ ପାଇଁ ଉପଲବ୍ଧ ହେବା ଉଚିତ୍। ନୋକିଆ ୨.୨ ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ ଏଆଇ ଅନୁଭୂତି ପ୍ରଦାନ କରୁଛୁ, ଯାହା ମଧ୍ୟରେ ରହିଛି ବାୟୋମାଟ୍ରିକ୍ ଫେସ୍ ଅନ୍‌ଲକ୍, ଏଆଇ ଇମେଜିଂ, ଗୁଗୁଲ୍ ଲେନ୍ସ, ଗୁଗୁଲ୍ ଆସିଷ୍ଟାନ୍ସ ଇତ୍ୟାଦି ବୈଶିଷ୍ଟ୍ୟ। ଏହି ସ୍ମାର୍ଟଫୋନ୍ ବିଷୟରେ ଏଚ୍‌ଏମ୍‌ଡି ଗ୍ଲୋବାଲ୍‌ର ଉପସଭାପତି ତଥା ଦେଶ ମୁଖ୍ୟ କହିଛନ୍ତି, ଋବିଶ୍ୱସ୍ତରରେ ନୋକିଆ ୨.୨ର ଶୁଭାରମ୍ଭ ଘୋଷଣା କରି ମୁଁ ଖୁବ୍ ଆନନ୍ଦିତ। ନୋକିଆ ୨.୨ ହେଉଛି ଭାରତ ବଜାରରେ ବହୁଳ ଭାବେ ବ୍ୟବହୃତ ସ୍ମାର୍ଟଫୋନ୍, ଯାହା ଗ୍ରାହକମାନଙ୍କୁ ଆଣ୍ଡ୍ରଏଡ୍ ୱାନ୍ ସହିତ ସୁରକ୍ଷିତ ଆଣ୍ଡ୍ରଏଡ୍ ଅୁଭୂତି ପ୍ରଦାନ କରୁଛି।

ନୋକିଆ ୨.୨ ଟଙ୍ଗସେଣ୍ଟ କଳା ରଙ୍ଗରେ ଦୁଇଟି ଭ୍ୟାରିଆଣ୍ଟରେ ଉପଲବ୍ଧ ହେଉଛି। ଏହାର ୨/୧୬ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୭,୬୯୯ ଟଙ୍କା ରହିଥିବାବେଳେ ୩/୩୨ ଜିବି ଷ୍ଟୋରେଜ୍ ଭ୍ୟାରିଆଣ୍ଟର ମୂଲ୍ୟ ମାତ୍ର ୮,୬୯୯ ଟଙ୍କା ରହିଛି। ଏହି ଫୋନ୍ ପ୍ରମୁଖ ମୋବାଇଲ୍ ରିଟେଲ୍ ଆଉଟ୍‌ଲେଟ୍ ସହିତ ଅନ୍‌ଲାଇନ୍‌ରେ ଫ୍ଲିପ୍‌କାର୍ଟ ଓ ନୋକିଆ.କମ୍/ଫୋନ୍‌ରେ ୧୧ ଜୁନ୍ ୨୦୧୯ରୁ ଉପଲବ୍ଧ ହେଉଛି। ଗ୍ରାହକମାନେ ଜୁନ୍ ୬ରୁ ୧୦ ମଧ୍ୟରେ ନୋକିଆ.କମ୍/ଫୋନ୍‌ରେ ପ୍ରିବୁକ୍ କରିପାରିବେ। ଏହି ସମୟରେ ୫ଜଣ ଭାଗ୍ୟଶାଳୀ ଗ୍ରାହକ ସେମାନଙ୍କ କ୍ରୟ ଉପରେ ୧୦୦% କ୍ୟାସ୍‌ବ୍ୟାକ୍ ପାଇବେ। ପ୍ରିବୁକ୍ କରିବା ପାଇଁ ଗ୍ରାହକମାନଙ୍କୁ https://www.nokia.com/phones/en_in/nokia-୨କୁ ଭ୍ରମଣ କରିବାକୁ ହେବ। ଏହାଛଡ଼ା ମାତ୍ର ୧୯୮ କିମ୍ବା ୨୯୯ ଟଙ୍କା ରିଚାର୍ଜ କରି ଜିଓ ଉପଭୋକ୍ତାମାନେ ଏଥିରେ ୧୦୦ ଜିବି ଅତିରିକ୍ତ ଡାଟା ସହିତ ୨,୨୦୦ ଟଙ୍କାର ଇନ୍‌ଷ୍ଟାଣ୍ଟ କ୍ୟାସ୍‌ବ୍ୟାକ୍ ପାଇବେ, ଯାହା ସେମାନଙ୍କୁ ୫୦ ଟଙ୍କା ମୂଲ୍ୟର ୪୪ଟି କୁପନ ରୂପରେ ମିଳିବ।

# ଆଦିତ୍ୟ ବିର୍ଲା ସନଲାଇଫ୍ ମ୍ୟୁଚୁଆଲ୍ ଫଣ୍ଡ୍ ପକ୍ଷରୁ ଓଡ଼ିଶାରେ ଉତ୍ସର୍ଗୀକୃତ ପାର୍ଟନର୍ ପ୍ରାୟରିଟି ଡେସ୍କର ଶୁଭାରମ୍ଭ

ଭୁବନେଶ୍ୱର,୭।୬(ନି.ପ୍ର): ଆଦିତ୍ୟ ବିର୍ଲା କ୍ୟାପିଟାଲ୍‌ର ମ୍ୟୁଚୁଆଲ୍ ଫଣ୍ଡ ସଂସ୍ଥା ଆଦିତ୍ୟ ବିର୍ଲା ସନଲାଇଫ୍ ମ୍ୟୁଚୁଆଲ୍ ଫଣ୍ଡ୍ ତରଫରୁ ଓଡ଼ିଶାର ବିତରକ ସହଯୋଗୀଙ୍କ ପାଇଁ ଏକ ଉତ୍ସଗ୍ରୀକକୃତ ପାର୍ଟନର୍ ପ୍ରାୟରିଟି ଡେସ୍କର ଶୁଭାରମ୍ଭ କରାଯାଇଛି। ଏହି ଡେସ୍କ ବିତରଣ ଚ୍ୟାନେଲ୍‌କୁ ଜରୁରୀ ସେବା ପ୍ରଦାନ କରିବ ଏବଂ ସେମାନଙ୍କ ଠାରୁ ଆସୁଥିବା ସେବା ଅନୁରୋଧଗୁଡ଼ିକର ତ୍ୱରିତ ତଥା ସଠିକ୍ ସମାଧାନ ପ୍ରଦାନ କରିବ ଏବଂ ସେହି ଅନୁରୋଧଗୁଡ଼ିକ ଅତି ଜରୁରୀ ଭାବେ ବିଚାର କରିବ।

ମ୍ୟୁଚୁଆଲ୍ ଫଣ୍ଡ୍ ନିବେଶକଙ୍କ ପାଇଁ ଏକ ପସନ୍ଦର ନିବେଶ ଉପକରଣ ସାବ୍ୟସ୍ତ ହୋଇଛି। ନିବେଶକଙ୍କ ସଂଖ୍ୟା ବଢ଼ିବା ସହିତ କାରବାର ପରିମାଣ ବଢ଼ିଥିବାରୁ ଏହି ଶିଳ୍ପର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି। ଏହାର ପ୍ରତିବଦଳରେ ବିପୁଳ ପରିମାଣର ସେବା ଅନୁରୋଧ ମଧ୍ୟ ପହଂଚୁଛି। ଏହି ଶିଳ୍ପର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବିତରକ ସହଯୋଗୀମାନେ ସେମାନଙ୍କ ନିବେଶକଙ୍କୁ ପରିଚାଳନା କରିବା ବେଳେ ସୁଦୃଢ଼ ସେବା ମାନ ଆବଶ୍ୟକ କରୁଛନ୍ତି।

ଏହି ପାର୍ଟନର ପ୍ରାୟରିଟି ଡେସ୍କର ଶୁଭାରମ୍ଭ ବିଷୟରେ ମତ ରଖି ଶ୍ରୀଯୁକ୍ତ ଏ ବାଲସୁବ୍ରମଣିଅନ, ସିଇଓ, ଆଦିତ୍ୟ ବିର୍ଲା ସନଲାଇଫ୍ ମ୍ୟୁଚୁଆଲ୍ ଫଣ୍ଡ୍ କହିଛନ୍ତି ଯେ, ଋଆମର ବିତରକ ସହଯୋଗୀଙ୍କୁ ଶ୍ରେଷ୍ଠ ମାନର ସେବା ଅନୁଭୂତି ପ୍ରଦାନ କରିବାର ନିରନ୍ତର ଉଦ୍ୟମର ଅଂଶ ହେଉଛି ଓଡ଼ିଶାର ପାର୍ଟନର ପ୍ରାୟରିଟି ଡେସ୍କ। ଓଡ଼ିଶାରେ ମ୍ୟୁଚୁଆଲ୍ ଫଣ୍ଡ୍ ପାଇଁ ଖୁଚୁରା ନିବେଶକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଆମେ ଭାବୁଛୁ ଏହି ଡେସ୍କ ବିତରକ ସହଯୋଗୀଙ୍କୁ ବଡ଼ ଧରଣରେ ସହାୟକ ହେବ ଏବଂ ଆମର ଅଂଶୀଦାରଙ୍କ ପାଇଁ ସାମଗ୍ରିକ ଅନୁଭୂତିରେ ଉନ୍ନତି ଆଣିବ।''

ସଠିକ୍ ସେବାରେ ସେବା ଅନୁରୋଧଗୁଡ଼ିକର ସମାଧାନ ପାଇଁ ଏହି ଡେସ୍କ ତରଫରୁ ଅଂଚଳ ଭିତିକ ଟୋଲ୍ ଫି ବା ଦେୟମୁକ୍ତ ନମ୍ବର ଜାରି କରାଯାଇଛି। ପ୍ରତିଟି ଫୋନ କଲ ଶେଷରେ ବିତରକଙ୍କ ମତାମତ ସଂଗ୍ରହ କରିବା ପାଇଁ ଏକ ରିଅଲ ଟାଇମ୍ ମତାମତ ଗ୍ରହଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ସେହି ମତାମତ ବ୍ୟବସ୍ଥା ପାଖକୁ ଯାଇଥାଏ ଯାହା ଏ କ୍ଷେତ୍ରରେ ନିରନ୍ତର ଉନ୍ନତି ଆଣିବାରେ ସହାୟକ ହୁଏ ଏବଂ ବିତରକ ସହଯୋଗୀଙ୍କ ପାଇଁ ସେବା ପ୍ରଦାନ ମାନର ସ୍ତର ବଢ଼ାଇଥାଏ।

ପାର୍ଟନର ପ୍ରାୟରିଟି ଡେସ୍କ ଓଡ଼ିଶାରେ ତାଲିମପ୍ରାପ୍ତ ବିଶେଷଜ୍ଞ, ଉତ୍ସର୍ଗୀକୃତ ବିତରକ ରହିଛନ୍ତି। ବିତରକ ସହଯୋଗୀମାନେ ନିଜ ଅଂଚଳ ସେବା ବିଶେଷଜ୍ଞଙ୍କ ସହ ସୁବିଧାରେ ନିଜ ଭାଷାରେ କଥା ହୋଇପାରିବେ, ଯିଏ ତାଙ୍କ ସେବା ଅନୁରୋଧକୁ ଗ୍ରହଣ କରିବେ ଏବଂ ତାହାର ସମାଧାନ ପ୍ରଦାନ କରିବେ। ସବୁ ସେବା ଅନୁରୋଧ ଗୋଟିଏ ଉତ୍ସର୍ଗୀକୃତ ବ୍ୟବସ୍ଥାରେ ରହିବ ଯାହାକୁ ସମାଧାନ ନହେବା ପର୍ଯ୍ୟନ୍ତ ନଜରରେ ରଖାଯିବ।

# କଲ୍ୟାଣ ଜୁଏଲର୍ସ ପକ୍ଷରୁ ୪ଟି ପ୍ରମୁଖ ସହର ପାଇଁ ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ

ଭୁବନେଶ୍ୱର,୭।୬(ନି.ପ୍ର): ଭାରତର ମହାରାଷ୍ଟ୍ର, ଗୁଜୁରାଟ ସବୁଠୁ ବିଶ୍ୱାସଯୋଗ୍ୟ ଓ ଅଗ୍ରଣୀ ଗହଣା ବ୍ରାଣ୍ଡ୍ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଦେଶର ଚାରିଟି ପ୍ରମୁଖ ବଜାର ପାଇଁ ଆଂଚଳିକ ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ କରାଯାଇଛି। ମହାରାଷ୍ଟ୍ର ପାଇଁ ପୂଜା ସାୱନ୍ତ, ଗୁଜୁରାଟ ପାଇଁ କିଲ ରାଜପ୍ରିୟା, ପାବ ପାଇଁ ୱାମିକା ଗାବି ଏବଂ ପଶ୍ଚିମ ବଙ୍ଗ ପାଇଁ ରୀତାଭରି ଚକ୍ରବର୍ତୀଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏହି ଆଂଚଳିକ ସେଲିବ୍ରିଟିମାନଙ୍କ ମାଧ୍ୟମରେ କଂପାନି ସେହି ସବୁ ରାଜ୍ୟରେ ନିଜର ସ୍ଥିତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

କଲ୍ୟାଣ ଜୁଏଲର୍ସ ଆଂଚଳିକ କ୍ଷେତ୍ରରେ ଅଧିକ ପ୍ରବେଶ କରି ଏହାର ଉତ୍ପାଦ, ସେବା ଏବଂ ଯୋଗାଯୋଗରେ ଆଂଚଳିକ ପ୍ରଭାବକୁ ବିସ୍ତାର ବରିବାକୁ ଚାହୁଁଛି। ଏହା ଜରିଆରେ କଂପାନି ନିଜର ପରିଚୟ ଉପସ୍ଥିତି ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ନୂତନ ଭାବେ ନିଯୁକ୍ତ ହୋଇଥିବା ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଜ ବଜାରରେ କଲ୍ୟାଣର ପ୍ରଚାର କରିବେ ଏବଂ ବିଭିନ୍ନ ଗ୍ରାହକ କୈନ୍ଦ୍ରୀକ କାର୍ଯ୍ୟକ୍ରମର ମଧ୍ୟ ଅଂଶ ହେବେ।

ରମେଶ କଲ୍ୟାଣରମଣନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, କଲ୍ୟାଣ ଜୁଏଲର୍ସ କହିଛନ୍ତି ଯେ, ଋମହାରାଷ୍ଟ୍ର, ଗୁଜୁରାଟ, ପଶ୍ଚିମବଙ୍ଗ ଓ ପଂଜାବ ଭଳି ଚାରିଟି ଗୁରୁତ୍ୱପୂର୍ଣ୍ଣ ବଜାରରେ ଆଂଚଳିକ ସିନେମାର ଲୋକପ୍ରିୟ ନାମକୁ ହାସଲ କରିଥିବାରୁ ଆମେ ବହୁତ ଖୁସି। ଭାରତରେ ଆମେ ଆମର ଅଭିବୃଦ୍ଧି ରଣନୀତିକୁ କାହାଣୀ ଲେଖୁଥିବା ବେଳେ ଏହି ନୂତନ ସହଯୋଗିତା ଆମକୁ ଗ୍ରାହକମାନଙ୍କ ସହିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ନୂତନ ଦିଗ ସନ୍ଧାନ କରାଇବାରେ ସହାୟକ ହେବ। ଏହି ସବୁ ବଜାରରେ ଦ୍ରୁତ ଗତିରେ ସଂପ୍ରସାରଣ ପାଇଁ ଆମର ଆଂଚଳିକ ବ୍ରାଣ୍ଡ୍ ଆମ୍ବାସାଡରମାନେ ଆମର ବଜାର କୈନ୍ଦ୍ରୀକ ଯୋଗାଯୋଗ, ଷ୍ଟୋର ଉନ୍ମୋଚନ ଏବଂ ଆମର ଅତି-ଆଂଚଳିକ ମୁହୂରତ ବ୍ରାଇଡାଲ୍ ଗହଣାରେ ଅଧିକ ମୂଲ୍ୟ ଯୋଗ କରିବେ।''

ଦକ୍ଷିଣ ଭାରତ ପାଇଁ ମଧ୍ୟ କଂପାନି ସମାନ ରଣନୀତି ଆପଣେଇଛି ଏବଂ ଆନ୍ଧ୍ର/ତେଲେଙ୍ଗାନା ପାଇଁ ନାଗାର୍ଜୁନ, ତାମିଲନାଡୁ ପାଇଁ ପ୍ରଭୁ, କର୍ଣ୍ଣାଟକ ପାଇଁ ଶିବରାଜ କୁମାର ଏବଂ କେରଳ ପାଇଁ ମଂଜୁ ୱାରିୟରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅମିତାଭ ବଚ୍ଚନ, ଜୟା ବଚ୍ଚନ ଏବଂ କ୍ୟାଟ୍ରିନା କୈଫ୍‌ଙ୍କୁ ପ୍ରଚାରକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କଲ୍ୟାଣ ଜୁଏଲର୍ସ ଭାରତର ଏକ ଅଗ୍ରଣୀ ଗହଣା ପ୍ରତିଷ୍ଠାନ ଭାବେ ଉଭା ହୋଇଥିବା ବେଳେ ଏହା ୟୁଏଇ, କୁଏତ, କତାର ଏବଂ ଓମାନରେ ମଧ୍ୟ ଉପସ୍ଥିତ ଅଛି। କଂପାନିର ଏବେ ୧୩୭ଟି ବଡ଼ ସୋ'ରୁମ୍ ଏବଂ ୬୫୦ ମାଇଁ କଲ୍ୟାଣ କଷ୍ଟମର ସର୍ଭିସ୍ ନେଟ୍‌ୱର୍କ ରହିଛି।

# ହୋଣ୍ଡା ଟୁ ହ୍ୱିଲର୍ସ ପକ୍ଷରୁ ସଡ଼କ ସୁରକ୍ଷା ଗ୍ରୀଷ୍ମକାଳୀନ ଶିବିର

ଭୁବନେଶ୍ୱର,୭।୬(ନି.ପ୍ର): ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସଆଇ) ଓ ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ସଡ଼କ ସୁରକ୍ଷା ଗ୍ରୀଷ୍ମ ଶିବିର ଆୟୋଜନ କରାଯାଇଛି। ଏହି ଶିବିର ଜୁନ୍ ୮ ପର୍ଯ୍ୟନ୍ତ କଟକର ସିଡିଏ-୬ ମଠ ସାହି ଠାରେ ଥିବା ଟ୍ରାଫିକ୍ ଟ୍ରେନିଂ ପାର୍କରେ ଚାଲିବ। ହୋଣ୍ଡାର ତାଲିମପ୍ରାପ୍ତ ଇନଷ୍ଟ୍ରକ୍ଟରମାନେ ୩୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଟ୍ରାଫିକ୍ ସଚେତନତା ଶିକ୍ଷା ପ୍ରଦାନ କରିବେ। ଏହି ଶିବିର ଏକ ସୁରକ୍ଷିତ ଏବଂ କୌତୁକ ଶିକ୍ଷା ପ୍ଲାଟଫର୍ମ ହେବ ଯେଉଁଠାରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ହସ୍ତଲିଖନରେ ଉନ୍ନତି, ବ୍ୟକ୍ତିତ୍ୱ ବିକାଶ ଏବଂ ଆତ୍ମ ରକ୍ଷା କୌଶଳ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମରେ ଭାଗ ନେବେ।

ହୋଣ୍ଡାର ଏହି ଅଭିଯାନ ବିଷୟରେ ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପସଭାପତି, ବ୍ରାଣ୍ଡ୍ ଆଣ୍ଡ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ



ପ୍ରାଇଭେଟ ଲିମିଟେଡ୍ କହିଛନ୍ତି ଯେ, ଋଗମନାଗମନ ବ୍ୟବସାୟରେ ଥିବାରୁ ସଡ଼କ ସୁରକ୍ଷା ଶିକ୍ଷା ହେଉଛି ହୋଣ୍ଡାର କର୍ପୋରେଟ୍ ସାମାଜିକ ଦାୟିତ୍ୱର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସବୁ ଦୃଷ୍ଟିରୁ ସଡ଼କକୁ ସୁରକ୍ଷିତ ରଖିବା ପାଇଁ ଦୀର୍ଘ ବର୍ଷ ହେଲାଣି ସମାଜର ସବୁ ବର୍ଗଙ୍କୁ ସଡ଼କ ସୁରକ୍ଷା ଶିକ୍ଷା ପ୍ରଦାନ କରାଯାଉଛି। ଏହି ଯୁବ ଚାମ୍ପିଆନ୍‌ମାନେ କେବଳ ସଡ଼କର ବ୍ୟବହାରକାରୀ ନୁହନ୍ତି ବରଂ ସେମାନେ ହେଉଛନ୍ତି ଭବିଷ୍ୟତର ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ିର ବ୍ୟବହାରକାରୀ। ବିଗତ ୫ ବର୍ଷ ହେଲାଣି ହୋଣ୍ଡା ପକ୍ଷରୁ କଟକର ଟ୍ରାଫିକ୍ ଟ୍ରେନିଂ ପାର୍କରେ ପିଲାମାନଙ୍କ ପାଇଁ କୌତୁକ ଢଙ୍ଗରେ ବିଭିନ୍ନ ପ୍ରକାରର ସଡ଼କ ସୁରକ୍ଷା ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବର୍ତମାନ ସୁଦ୍ଧା ଆମେ ୩୧ ହଜାରରୁ ଅଧିକ ପିଲାମାନଙ୍କୁ ସେମାନଙ୍କ ପରିବାରର ସୁରକ୍ଷା ଆମ୍ବାସାଡରରେ ପରିଣତ କରିପାରିଛୁ।

ଏହି ଗ୍ରୀଷ୍ମ ଋତୁରେ ହୋଣ୍ଡା ୨ ହ୍ୱିଲର୍ସ ଇଣ୍ଡିଆ ପକ୍ଷରୁ ଆଂଚଳିକ ପରିବହନ କର୍ତୃପକ୍ଷଙ୍କ ସହିତ ମିଶି ପୁଣି ଥରେ ପିଲାଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତାର ପ୍ରସାର କରିବା ପାଇଁ ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର ଆୟୋଜନ କରାଯାଇଛି।''

୨୦୧୪ରେ ହୋଣ୍ଡା ପକ୍ଷରୁ କଟକର ଟ୍ରାଫିକ୍ ଟ୍ରେନିଂ ପାର୍କକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିଲା। ଏହା ପରେ ବିଗତ ପାଂଚ ବର୍ଷରେ କଂପାନି ପକ୍ଷରୁ କଟକର ୬୬,୫୦୦ରୁ ଅଧିକ ନାଗରିକଙ୍କୁ ସଡ଼କ ସୁରକ୍ଷା ଏବଂ ସୁରକ୍ଷିତ ଗାଡ଼ି ଚାଳନା ଉପରେ ସଚେତନ କରାଯାଇଛି।

# ଟୟୋଟା କିଲୋସ୍କର ମୋଟର ପକ୍ଷରୁ ଟୟୋଟା ଗ୍ଲାନରର ବଜାର ପ୍ରବେଶ




ନୂଆଦିଲ୍ଲୀ,୭।୬: ଟୟୋଟା କିଲୋସ୍କର ମୋଟର ପକ୍ଷରୁ ଟୟୋଟା ଗ୍ଲାନର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ବିଭିନ୍ନ ଭ୍ୟାରିଆଂଟ୍‌ର ମଧ୍ୟରେ ଏହାର ଜି-ଏମ୍‌ଟି, ଭି-ଏମଟି, ଜି-ସିଭିଟି ଏବଂ ଭି-ସିଭିଟି ମୂଲ୍ୟ ଯଥାକ୍ରମେ ୮,୨୯,୯୦୦ଟଙ୍କା, ୭୨୦,୯୦୦ ଟଙ୍କା, ୮୯୦,୨୦୦ଟଙ୍କା ଏବଂ ୭୫୮, ୨୦୦ଟଙ୍କା ରହିଛି। ରୁ ୧୪,୦୭,୦୦୦ଟଙ୍କା ରହିଛି। ଏହା ଟୟୋଟାର ଗୁଣବତା, ସ୍ଥାୟୀତ୍ୱ ଓ ବିଶ୍ୱାସନୀୟତାକୁ ପ୍ରତିପାଦିତ କରିବାକୁ ସକ୍ଷମ ହେବ। ଗ୍ଲାର ବିଳାସପୂର୍ଣ୍ଣ ଆରାମଦାୟକ ଶ୍ରେଣୀର ପ୍ରିମିୟମ କେ-ସିରିଜ୍ ଯାନ ମଧ୍ୟରେ ବିଶେଷ ଆଦୃତି ଲାଭ କରିବାକୁ ସକ୍ଷମ ହେବ।

ଏହାର ବୁକିଂ ୨୦୧୯ ଜୁନ୍ ୬ ତାରିଖଠାରୁ ଆରମ୍ଭ ହୋଇଛି। ଏହା କେଫ୍ ହ୍ୱାଇଟ୍, ସ୍ପୋର୍ଟିନ୍ ରେଡ୍, ଇନଷ୍ଟା ବ୍ଲୁ, ଗେମିଂ ଗ୍ରେ, ଇଂଟିସିଂ ସିଲଭର୍ ଆଦି ୫ଟି ରଙ୍ଗରେ ଉପଲବ୍ଧ ହେଉଛି।

ଏଥିରେ ୭ ଏସ୍‌ଆର୍‌ଏସ୍ ଏୟାର ବ୍ୟାଗ୍, ପାୱାର ଡ୍ରାଇଭ୍ ସିଟ୍, ସମସ୍ତ ୪ ଚକରେ ଡିସ୍କ ବ୍ରେକ୍, ସମ୍ମୁଖ ଓ ପଛ ପାର୍କିଂ ସେନସର୍, ଆଂଟି ଲକ୍ ବ୍ରେକିଂ ସିଷ୍ଟମ୍, ଟାୟାର ପ୍ରେସର ମନିଟରିଂ ସିଷ୍ଟମ୍, ଭେଇକିଲ୍ ଷ୍ଟାବିଲିଟି କଂଟ୍ରୋଲ, ଇଲୋକ୍ଟ୍ରୋନିକ୍ସ ବ୍ରେକ୍ ଡିଷ୍ଟ୍ରିବ୍ୟୁସନ୍, ରୁଫ୍ ମାଉଂଟେଡ୍ ଏୟାର ଭେଂଟ୍, ଟିପିଏମ୍‌ଏସ୍, ସ୍ପ୍ଲିଟ୍ ରିୟର ସିଟ୍, ଟଚ୍ ସ୍କ୍ରିନ୍ ନାଭିଗେସନ୍, ସିଭିଟି ଏବଂ କ୍ରୁଏଜ୍ କଂଟ୍ରୋଲ ପାଇଁ ପାଡେଲ ସିଫ୍ଟ, ପୁଶ୍ ଷ୍ଟାର୍ଟ, ଏଲଇଡି ଲାଇନ୍ ଗାଇଡ୍ ହେଡ୍ ଲ୍ୟାଭ୍‌ପ୍, ଏବଂ ଟେଲ୍ ଲ୍ୟାମ୍ପ, ପିଆନୋ ବ୍ଲାକ୍ ଆଭ୍ୟନ୍ତରୀଣ, ୱାଟର ଫଲ ଡିଜାଇନିଂ ଆଦି ବୈଶିଷ୍ଟ୍ୟ ରହିଛି।

ଗ୍ଲାର୍‌ରେ ଡୁଆଲ୍ ଭିଭିଟି ଆଇ ଗ୍ୟାସୋଲିନ୍ ଇନ୍, ୭ସ୍ପିଡ୍ ସିଭିଟି, ୬ ସ୍ପିଡ୍ ଏମ୍‌ଟି ଆଦି ବୈଶିଷ୍ଟ୍ୟ ରହିଛି। ଏହି ଅବସରରେ ଟୟୋଟା କିଲୋସ୍କର ମୋଟରର ପରିଚାଳନା ନିର୍ଦ୍ଦେଶକ ମାସାକାଜୁ ୟୋସିମୁରା କହିଲେ, ଋଗ୍ଲାର ଦେଶବ୍ୟାପି ବେଶ୍ ଆଦୃତି ଲାଭ କରିବାକୁ ସକ୍ଷମ ହେବ। ଏହାର ଗୁଣବତା, ସ୍ଥାୟୀତ୍ୱ ଓ ବିଶ୍ୱାସନୀୟତା ଆଦି ବୈଶିଷ୍ଟ୍ୟ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ ଚ଼ରିବ। ଆମେ ଭାରତରରେ ଗ୍ରାହକଙ୍କ ଆବଶ୍ୟକତା ବୁଝି ଉତ୍ପାଦ ପ୍ରସ୍ତୁତ କରିଥାଉ। ଏହି ନୂତନ ଉତ୍ପାଦ ମାଧ୍ୟମରେ ଟୟୋଟା ଗ୍ରାହକଙ୍କ ନିକଟରେ ନିଜର ଲୋକପ୍ରିୟତା ପୁଣି ଜାହିର୍ କରିବାକୁ ସକ୍ଷମ ହୋଇପାରିବ। ଗ୍ଲାର ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ କରିପାରିବ। ଏହି ଅବସରରେ ଟୟୋଟା କିଲୋସ୍କର ମୋଟରର ସହକାରୀ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଏନ୍. ରାଜା କହିଲେ, ଋଗ୍ଲାର ଦ୍ୱାରା ଆମେ ପ୍ରିମିୟମ୍ ଯାନ କ୍ଷେତ୍ରରେ ବେଶ୍ ଭଲ କାରବାର କରିବାର ଲକ୍ଷ୍ୟ ରଖିଛୁ। ଦେଶବ୍ୟାପି ଏହାର ଗୁଣବତା, ସ୍ଥାୟୀତ୍ୱ ଓ ବିଶ୍ୱାସନୀୟତା ଗ୍ରାହକଙ୍କୁ ଆକୃଷ୍ଟ ଚ଼ରିବାକୁ ସକ୍ଷମ ହେବ। ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ବଜାରରେ ଗ୍ଲାର ବେଶ୍ ସଫଳ ରହିବ ବୋଲି ଆମର ଆଶା ଓ ବିଶ୍ୱାସ ରହିଥାଏ।

# ବଜାରରେ ଏଫ୍ ଆଣ୍ଡ୍ ଡିର ସିନେମାଟିକ୍ ସାଉଣ୍ଡ ଟି-୩୦୦-ଏକ୍ସ ସାଉଣ୍ଡ ବାର

ମୁମ୍ବାଇ,୭।୬: ପୁରାତନ ଅଡ଼ିଓ ଉତ୍ପାଦ ନିର୍ମାଣକାରୀ କମ୍ପାନୀ ଏଫ୍ ଆଣ୍ଡ ଡି ପକ୍ଷରୁ ଟି-୩୦୦-ଏକ୍ସ ସାଉଣ୍ଡ ବାରର ବଜାର ପ୍ରବେଶ କରାଯାଇଛି। ଏହାର ମୂଲ୍ୟ ୯,୯୯୦ଟଙ୍କା ରହିଛି।

ଏହା ସିନେମାଟିକ୍ ସାଉଣ୍ଡ ସୃଷ୍ଟି କରିବାକୁ ସକ୍ଷମ। ଏଥିରେ ଗ୍ରେଟ୍ ମିଡ୍ ରେ, ଭଏସ୍ ବାଲାନ୍ସ, ଡାଇନାମିକ୍ ଡିଜାଇନିଂ ଆଦି ବୈଶିଷ୍ଟ୍ୟ ରହିଛି। ଏଥିରେ ସବ୍ ଉଫର ବୈଶିଷ୍ଟ୍ୟ ମଧ୍ୟ ରହିଛି।

ଏହା ସ୍ଲିପ୍ ଫଙ୍କସନ୍‌କୁ ସପୋର୍ଟ କରିଥାଏ। ଏଥିରେ ଏଲଇଡି ୮ ଇଂଚ ସବଉଫର ଡିସପ୍ଲେ ରହିଛି। ଏଥିରେ ବ୍ଲୁଟୁଥ୍, ୨.୧ ସ୍ପିକର ୨ ସାଟେଲାଇଟ୍ ସ୍ପିକର, ୭୦ ୱାଟ୍, ପିଏଲଏଲ ଜ୍ଞାନକୌଶଳ ଆଦି ରହିଛି। ଏହା ଉପରେ ୧ ବର୍ଷର ୱାରେଂଟି ପ୍ରଦାନ କରାଯାଉଛି।



ଏହା ବ୍ଲୁଟୁଥ୍‌କୁ ସପୋର୍ଟ କରିଥାଏ। ଏଥିରେ ୧୫ ଏମ୍ ପର୍ଯ୍ୟନ୍ତ କାର୍ଯ୍ୟ କରିଥାଏ। ଏଥିରେ ୟୁଏସ୍‌ବି/ ଏସଡି କାର୍ଡ, ଟିଭି, ଆଦି ଡିଭାଇସ୍ ସଂଯୋଗ କରିହୋଇଥାଏ। ଏଥିରେ ୧୦୦ ଷ୍ଟେଶନଯୁକ୍ତ ଏଫ୍‌ଏମ ରେଡିଓ ରହିଛି। ଏହା ରିମୋର୍ଟରେ ନ୍ୟୁମେରିକ୍ କି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ।

ଏହି ଅବସରରେ ଏଫ୍ ଆଣ୍ଡ୍ ଡିର ନିର୍ଦ୍ଦେଶକ ମୁକେଶ ବଂସଲ କହିଲେ, ଟି-୩୦୦-ଏକ୍ସ ସାଉଣ୍ଡ ବାର ଗୁଣବତାଯୁକ୍ତ ସାଉଣ୍ଡ ସୃଷ୍ଟି କରିବାକୁ ସକ୍ଷମ ହୋଇ ପାରିବ। ଏହା ଟିଭି ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଏହା ଗ୍ରାହକଙ୍କୁ ଆକର୍ଷିତ କରିବାକୁ ସକ୍ଷମ ହେବ।

ଏହା ଭାରତବ୍ୟାପି ସମସ୍ତ ଅଗ୍ରଣୀ ଷ୍ଟୋର, ରିଟେଲ ଷ୍ଟୋର ଇ-କମର୍ସ ପୋର୍ଟାଲରେ ଉପଲବ୍ଧ ହେଉଛି।ରେ ଉପଲବ୍ଧ ହେଉଛି। ସୂଚନାଯୋଗ୍ୟ, ଏଫ୍ ଆଣ୍ଡ ଡି ୨୦୦୪ରେ ସ୍ଥାପିତ ହୋଇଥିଲା। ଏହାର ୪୦ରୁ ଅଧିକ ଉତ୍ପାଦ ଷ୍ଟୋରରେ ଉପଲବ୍ଧ ହେଉଛି।

## ଉତ୍କଳ ଆଲୁମିନା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଭୁବନେଶ୍ୱର, ୭/୬ (ନି.ପ୍ର): ପରିବେଶ ସୁରକ୍ଷା ଓ ନିରନ୍ତର ବିକାଶକୁ ନେଇ ସଚେତନତା ସୃଷ୍ଟି କରିବାର ଅଂଶ ସ୍ୱରୂପ ଉତ୍କଳ ଆଲୁମିନା ଇଟଂରନ୍ୟାସନାଲ ଲିମିଟେଡ, ରାୟଗଡ଼ା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ତରଫରୁ ଏକ ରାଲି ଆୟୋଜନ କରାଯାଇଥିଲା ଏବଂ ନଆପଡ଼ା ଟାଉନସିପରେ ଗଣ ବୃକ୍ଷରୋପଣ କରିବାପରେ ଛାତ୍ରଛାତ୍ରୀମାନେ ପରିବେଶ ଶପଥ ପାଠ କରିଥିଲେ। ସେହିପରି କାରଖାନାର ଷ୍ଟାଫ ଓ ଅଧିକାରୀଙ୍କ ଦ୍ୱାରା ରାଲି କରାଯାଇଥିଲା ଏବଂ ପାୱାର ପ୍ଲାଂଟ ନିକଟରେ ଗଣ ବୃକ୍ଷରୋପଣ କରାଯାଇଥିଲା । ଉତ୍କଳିନା ଲେଡିଜ କ୍ଲବ ତରଫରୁ ଓଷାପଡ଼ା ଟାଉନସିପରେ ମଧ ଗଣ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଜୁନ ୬, ୨୦୧୯ରେ ଅନୁଷ୍ଠିତ ହେବ ଯେଉଁଥିରେ କର୍ମଚାରୀ, ଷ୍ଟାଫ, ଅଧିକାରୀ, ଶିଶୁ ଓ ମହିଳାଙ୍କୁ ସାମିଲ କରି ସେମାନଙ୍କୁ ବାୟୁ ପ୍ରଦୂଷଣ ଓ ବିଶ୍ୱ ତାପାୟନର କାରଣ, ଜଙ୍ଗଲ କ୍ଷୟ ଏବଂ ବିଭିନ୍ନ ପ୍ରଜାତି ତୃଣ ଏବଂ ଫୁଲ ବିଲୁପ୍ତ ହେବା, ଭୂତଳ ଜଳ ସ୍ତର କମିବା ଏବଂ କିଭଳି କ୍ୟାମ୍ପସରେ ପଲିଥିବ ବ୍ୟବହାର ବନ୍ଦ କରିହେବ ଏବଂ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଘରେ ଅଭ୍ୟାସକୁ ଗ୍ରହଣ କରିବା ଆଦି ଜ୍ୱଳନ୍ତ ପରିବେଶ ସମସ୍ୟା ଉପରେ ସଚେତନ କରାଯାଇଥିଲା।

ଶ୍ରୀଯୁକ୍ତ ଏନ ନାଗେଶ, ୟୁନିଟ ମୁଖ୍ୟ ଏବଂ ସଭାପତି କାର୍ଯ୍ୟକ୍ରମକୁ ଉଦଘାଟନ କରି ଗଣ ବୃକ୍ଷରୋପଣ ସ୍ଥଳନରେ ଅନ୍ୟ ବରିଷ୍ଠ ଅଧିକାରୀ ଓ ଷ୍ଟାଫମାନଙ୍କ ସହ ଉପସ୍ଥିତ ଥିଲେ। ସେହିପରି ଶ୍ରୀଯୁକ୍ତ ବିଆର କେ ପାଢ଼ୀ, ଭିପି, ଖଣି, ଖଣି ଉପର ଭାଗରେ ବିଶ୍ୱ ପରିବେଶ ଦିବସକୁ ପାଳନ କରିଥିଲେ ଏବଂ ସମସ୍ତ ଖଣି ଷ୍ଟାଫ ଓ କର୍ମଚାରୀଙ୍କ ସହ ଗଣ ବୃକ୍ଷରୋପଣ ଆରମ୍ଭ କରିଥିଲେ।




ଫନି ପ୍ରପୀଡିତଙ୍କ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଷ୍ଟାଫ୍ ଆସୋସିଏସନ୍ ପକ୍ଷରୁ ସହାୟତା

## ଅକ୍ଷୟ କୁମାର ସାହୁ ଏଲ୍ଆଇସି ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ଡ଼ିଭିଜନାଲ ମ୍ୟାନେଜର ନିଯୁକ୍ତ



ଭୁବନେଶ୍ୱର, ୭/୬ (ନି.ପ୍ର.): ଜୀବନ ବୀମା ନିଗମ (ଏଲ୍ଆଇସି)ର ଭୁବନେଶ୍ୱର ମଣ୍ଡଳର ସିନିୟର ଡ଼ିଭିଜନାଲ ମ୍ୟାନେଜର ଭାବେ ବରିଷ୍ଠ ଅଧିକାରୀ ଅକ୍ଷୟ କୁମାର ସାହୁ ଯୋଗ ଦେଇଛନ୍ତି। ଶ୍ରୀ ସାହୁ ଏହି ସର୍ବଭାରତୀୟ ସଂସ୍ଥାର ଜଣେ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ବେଶ୍ ଜଣାଶୁଣା। ସେ ଦୀର୍ଘ ୨୮ ବର୍ଷ ଧରି ଉକ୍ତ ସଂସ୍ଥାରେ କାର୍ଯ୍ୟ କରି ଆସୁଛନ୍ତି। ଶ୍ରୀ ସାହୁ ୧୯୯୧ ମସିହାରେ ଏଲ୍ଆଇସିରେ ଜଣେ ଯୁବ ଅଧିକାରୀ ଭାବେ ଯୋଗ ଦେଇଥିଲେ। ସେ ବାଲେଶ୍ୱର ଏଲ୍ଆଇସି ଡ଼ିଭିଜନରେ ବରିଷ୍ଠ ପ୍ରବନ୍ଧକ ଭାବେ କାର୍ଯ୍ୟ କରିଥିବା ବେଳେ ପରେ ଭୁବନେଶ୍ୱର ଡ଼ିଭିଜନର ପ୍ରବନ୍ଧକ ହୋଇଥିଲେ। ମୁଖ୍ୟତଃ ସେ ପେନ୍ସନ ଓ ଗ୍ରୁପ୍ ଇନସ୍ୟୁରାନ୍ସର ଦାୟିତ୍ୱ ତୁଲାଇବା ସହିତ ମାର୍କେଟିଙ୍ଗ ଦାୟିତ୍ୱ ନେଇଥିଲେ। ଏହା ପରେ ସେ ସମ୍ବଲପୁର ଡ଼ିଭିଜନର ମାର୍କେଟିଙ୍ଗ ମ୍ୟାନେଜର, କଟକ ଡ଼ିଭିଜନର ବୀମା ଉପଦେଷ୍ଟା (ସିଏଲ୍ଆଇଏ), ବୋକାରୋ ଡ଼ିଭିଜନର ବରିଷ୍ଠ ପ୍ରବନ୍ଧକ ଏବଂ ବେଗୁସରାଇ ଡ଼ିଭିଜନର ବରିଷ୍ଠ ପ୍ରବନ୍ଧକ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଗତ ୧୫ବର୍ଷ ଧରି ସେ ଆନ୍ଧ୍ରପ୍ରଦେଶର ମଛଲି ପଟ୍ଟନମ, ବିଶାଖାପାଟଣା ଏବଂ ରାଜମହେନ୍ଦ୍ରୀ ଏଲ୍ଆଇସି ଡ଼ିଭିଜନର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହୋଇଥିଲେ। ସବୁ ସ୍ଥାନରେ ସେ ବହୁତ ଲୋକପ୍ରିୟତା ହାସଲ କରିବା ସହିତ ଏଲ୍ଆଇସିର କାର୍ଯ୍ୟ ପରିସର ବୃଦ୍ଧି କରାଇ ପାରିଥିଲେ।

## ଟାଟା ଷ୍ଟିଲ୍ ପାଳିଲା ବିଶ୍ୱ ପରିବେଶ ଦିବସ

ଭୁବନେଶ୍ୱର, ୭/୬ (ନି.ପ୍ର.): ଟାଟା ଷ୍ଟିଲ୍ ପକ୍ଷରୁ ଏହାର ସମସ୍ତ ଖଣି, କାରଖାନା, ମାର୍କେଟିଂ ଓ ସେଲସ୍ ବା ବିକ୍ରି କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଦିନ ବିଭିନ୍ନ ସ୍ଥାନରେ ଅନେକ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଉତ୍ସବକୁ ଜୁନ୍ ମାସ ସାରା ପାଳନ କରାଯିବ। ଜୁନ୍ ମାସକୁ ସଷ୍ଟେନେବଲ୍ ମାସ ଭାବେ ପାଳନ କରାଯିବ।

ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବେ ଟାଟା ଷ୍ଟିଲ୍ ପକ୍ଷରୁ ପରିବେଶ ପରିଚାଳନାରେ ବିପୁଳ ପରିମାଣର ନିବେଶ କରାଯାଉଛି। ଅଙ୍ଗାରକ ନିର୍ଗମନ, ଜଳ ପରିଚାଳନା, ଚକ୍ରାକାର ଅର୍ଥନୀତି ଓ ଜୈବ ବିବିଧତା ଭଳି ଚାରିଟି ବିଷୟ ଉପରେ ଏହା ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛି। କଂପାନି ଏହାର ବ୍ୟବସାୟର ସବୁ ପ୍ରକାର କ୍ଷେତ୍ର ଯଥା ପ୍ରଶାସନ, ରଣନୀତି ପ୍ରସ୍ତୁତି ଓ କାର୍ଯ୍ୟକାରିତା ଆଦିରେ ନିରନ୍ତରତା ପ୍ରବେଶ କରାଇବାକୁ ପ୍ରତିବଦ୍ଧ।

ଏହି ଅବସରରେ ଶ୍ରୀଯୁକ୍ତ ସଂଜୀବ ପଲ୍, ଉପସଭାପତି, ନିରାପତା, ସ୍ୱାସ୍ଥ୍ୟ ଓ ସଷ୍ଟେନେବିଲିଟି, ଟାଟା ଷ୍ଟିଲ୍ କହିଛନ୍ତି ଯେ, "ଏକ ଦାୟିତ୍ୱବାନ ବିଶ୍ୱ ସ୍ତରୀୟ ସଂସ୍ଥା ଭାବେ ଅମେ ନିରନ୍ତର ବିକାଶ ପାଇଁ



ବହୁତ ଆଗ୍ରହୀ ଓ ଆମର ଉଦ୍ୟମଗୁଡ଼ିକୁ ଆମେ କାମ କରୁଥିବା ଅଂଚଳରେ ପ୍ରକୃତିର ସୁରକ୍ଷା ସହିତ ଜଡ଼ିତ। ନିରନ୍ତରତା ପ୍ରତି ଓ ଆସନ୍ତାକାଲିକୁ ଆଗାମୀ ପିଢ଼ି ପାଇଁ ଏକ ଖୁସିର ସ୍ଥାନରେ ପରିଣତ କରିବା ପାଇଁ ଟାଟା ଷ୍ଟିଲ୍ ଏହାର ଦାୟିତ୍ୱ ବିଷୟରେ ସମ୍ପୂର୍ଣ୍ଣ ସଚେତନ। କଂପାନିର କର୍ପୋରେଟ୍ ଲକ୍ଷ୍ୟ, ଉତ୍ପାଦ ଏବଂ ଏହା ଯେଉଁ ଭଳି ଭାବେ କାରବାର କରୁଛି, ସବୁଥିରେ ପରିବେଶ ସୁରକ୍ଷା ରହିଛି ଏବଂ ଆମେ ଏଥିପ୍ରତି ସବୁ ଶ୍ରେଷ୍ଠ ସମ୍ଭବ ଉପାୟ ଅବଲମ୍ବନ କରିବାକୁ ବଦ୍ଧପରିକର।''

## ଶପଥ ଗ୍ରହଣ ପରେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଆଜି ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୭/୬ (ନି.ପ୍ର.): ଆସନ୍ତା କାଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପ ଷଡଙ୍ଗୀ କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ନେବା ପରେ ପ୍ରଥମ ଥର ପାଇଁ ଓଡିଶା ଆସୁଛନ୍ତି। ସେମାନଙ୍କ ସହ ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂ ଆସୁଛନ୍ତି। ସେମାନେ ଭୁବନେଶ୍ୱର ବିମାନ ବନ୍ଦରରେ ସକାଳ ୮.୩୦ରେ ପହଚିଂବା ପରେ ସେମାନଙ୍କୁ ଦଳ ତରଫରୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯିବ । ଏହା ପରେ ସେମାନେ ସିଧାସଳଖ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଗସ୍ତ କରିବେ। ଅପରାହ୍ଣ ୩ଟା ବେଳେ ଭୁବନେଶ୍ୱର ସ୍ଥିତ ପ୍ରଦର୍ଶନୀ ପଡିଆରେ ଦଳ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ। ଏହି ସମ୍ବର୍ଦ୍ଧନା ସଭାରେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଜେପିର ସମସ୍ତ ନବ ନିର୍ବାଚିତ ସାଂସଦ ଏବଂ ବିଧାୟକମାନଙ୍କୁ ମଧ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏହି ସମ୍ବର୍ଦ୍ଧନା ସଭାରେ ପ୍ରମୁଖ ନେତୃବୃନ୍ଦ, କାର୍ଯ୍ୟକର୍ତା ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲା ସଭାପତିମାନେ ଉପସ୍ଥିତ ରହିବେ ବୋଲି ରାଜ୍ୟ ଉପସଭାପତି ଶ୍ରୀ ସମୀର ମହାନ୍ତି ସୂଚନା ଦେଇଛନ୍ତି ।



ଇଫ୍‌କୋ କର୍ମଚାରୀଙ୍କ ପକ୍ଷରୁ ପାରାଦ୍ୱୀପ ମୁଖ୍ୟ କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ।

## ଫନି ପ୍ରଭାବିତଙ୍କୁ ସହାୟତାର ହାତ ବଢ଼ାଇଲା ସ୍କେଚର୍ସ

ଭୁବନେଶ୍ୱର, ୭/୬ (ନି.ପ୍ର.): ସ୍କେଚର୍ସ, ଏକ ଆମେରିକୀୟ ଲାଇଫ୍‌ଷ୍ଟାଇଲ୍ ଓ ପରଫର୍ମାନ୍ସ ବ୍ରାଣ୍ଡ, ଓଡ଼ିଶାରେ ବାତ୍ୟା ଫନି ପ୍ରଭାବିତ ଲୋକଙ୍କ ପୁନଃଥଇଥାନ ପାଇଁ ଅକ୍ସଫାମ୍ ଇଣ୍ଡିଆ ସହଯୋଗରେ ତଥା ବଲିଉଡ୍ ଅଭିନେତ୍ରୀ- ଯାମି ଗୌତମଙ୍କ ଉପସ୍ଥିତିରେ ଭୁବନେଶ୍ୱର ଜନପଥ ରୋଡ୍‌ସ୍ଥିତ ସ୍କେଚର୍ସ ଷ୍ଟୋରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛି।

ବାତ୍ୟା ପ୍ରଭାବିତଙ୍କ ସହାୟତା ପାଇଁ ଡୋନେସନ୍ ସଂଗ୍ରହ ଉଦ୍ଦେଶ୍ୟରେ ଟ୍ରେଡ୍‌ମିଲ୍ ଉପରେ ଚାଲି ଯାମି ଗୌତମ ଓଡ଼ିଶାରେ ସ୍କେଚର୍ସ ଗୋ ରନ୍ ଟ୍ରକ୍ ଚ୍ୟାଲେଞ୍ଜକୁ ଚାଲୁ ରଖିଥିବା ଦେଖିବାକୁ ମିଳିବ। ଏହାପରେ ଅଂଶଗ୍ରହଣକାରୀମାନେ ଟ୍ରେଡ୍‌ମିଲ୍ ଉପରେ ଘଂଟାପ୍ରତି ୧୬ କିଲୋମିଟର ବେଗରେ ୩ ମିନିଟ୍ ପାଇଁ ଚାଲିବେ। ଅଂଶଗ୍ରହଣକାରୀଙ୍କ ଦ୍ୱାରା ଚାଲିବାକୁ ଥିବା କିଲୋମିଟର ଉପରେ ଦାନ ହେବାକୁ ଥିବା ଜୋତା ନିର୍ଭର କରିବ। ଟ୍ରାକ୍ ଆକ୍ଟିଭିଟି ସହ ବ୍ରାଣ୍ଡ ଅନ୍ୟ କେତେକ ଆକ୍ଟିଭିଟି ଆୟୋଜନ କରିବ, ଯେଉଁଠି ଲୋକମାନେ ନିୟୋଜିତ ରହିବେ ଏବଂ ଏହି କାରଣ ପାଇଁ ସହାୟତା କରିବେ। ଶ୍ରୀ ରାହୁଲ ବୀରା, ସ୍କେଚର୍ସ ଦକ୍ଷିଣ ଏସିଆ, ସିଇଓ କହିଲେ, "ଓଡ଼ିଶା ନିଜ ପାଦରେ ଆରାମଦାୟାକ ସ୍ଥିତିକୁ ଫେରୁ ଓ ସ୍ଥିତି ସ୍ୱାଭାବିକ ହେଉ ତାହା ଆମେ ଚାହୁଁ। ସେଥିପାଇଁ ଯେଉଁ ଉପାୟରେ ହେଉ ନା କାହିଁକି ଆମେ ଆଗେଇ ଆସି ସହାୟତାର ହାତ ବଢ଼ାଇବା ସହ ପରିବର୍ତନ ଆଣିପାରିଲେ ସ୍କେଚର୍ସ ଅଧିକ



ଗୌରବାନ୍ୱିତ ମନେ କରିବ। ଏଣୁ ଆମେ ଓଡ଼ିଶାର ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଅଧିକ ସଂଖ୍ୟାରେ ଆସି ଏହି ଚ୍ୟାଲେଞ୍ଜରେ ଭାଗ ନିଅନ୍ତୁ ଏବଂ ଏ ଉଦ୍ଦେଶ୍ୟରେ ସହାୟତା କରନ୍ତୁ।"

## ସୋଆରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳିତ

ଭୁବନେଶ୍ୱର, ୭/୬ (ନି.ପ୍ର.): ଶିକ୍ଷା ଓ ଅନୁସନ୍ଧାନ (ଡିମ୍‌ଡ ଟୁ ବି ୟୁନିଭର୍ସିଟି) ପରିଚାଳିତ ସ୍କୁଲ ଅଫ୍ ହୋଟେଲ୍ ମ୍ୟାନେଜମେଂଟରେ ଶୁକ୍ରବାର ଦିନ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳିତ ହୋଇ ଯାଇଛି।

ପୃଥିବୀରେ ପ୍ରଦୂଷିତ ଖାଦ୍ୟ ଓ ଏଥି ନିମନ୍ତେ ହେଉଥିବା ରୋଗକୁ ଦୃଷ୍ଟିରେ ରଖି ବିଶ୍ୱରେ ପ୍ରଥମ ଥର ପାଇଁ ଜୁନ୍ ୭କୁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ରୂପେ ପାଳନ କରାଯାଉଛି।

ମିଳିତ ଜାତିସଂଘ ଦ୍ୱାରା ପ୍ରାୟୋଜିତ ଏହି ଦିବସ ଶୁକ୍ରବାର ଦିନ ପ୍ରଥମ ଥର ପାଳନ



କରାଯାଇଛି। ଏ ବର୍ଷ ନିମନ୍ତେ ଏହି ଦିବସର ମୁଖ୍ୟ ପ୍ରସଙ୍ଗ ହେଉଛି "ଖାଦ୍ୟ ସୁରକ୍ଷା – ସମସ୍ତଙ୍କର ଦାୟିତ୍ୱ"। ଏହି ଉପଲକ୍ଷେ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟର ଉପଦେଷ୍ଟା ତଥା ଡିନ୍ ପ୍ରଫେସର ଶିତିକଣ୍ଠ ମିଶ୍ର ସମସ୍ତଙ୍କ ନିମନ୍ତେ ଯଥେଷ୍ଟ, ସୁଷମ ଓ ଶରୀରକୁ ପରିପୁଷ୍ଟ କରୁଥିବା ଖାଦ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ନିରବଚ୍ଛିନ୍ନ ପୁଷ୍ଟିକର ଖାଦ୍ୟ ଯୋଗାଣ ଓ ପ୍ରସ୍ତୁତି ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ ପାଇଁ ଉଭୟ ସରକାର ଓ ଜନସାଧାରଣଙ୍କର ଦାୟିତ୍ୱ ରହିଛି।

ଏହି ଅବସରରେ ପ୍ରଫେସର ମିଶ୍ର ଅନୁଷ୍ଠାନର ଛାତ୍ରଛାତ୍ରୀ, ଫାକଲ୍ଟି ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ।

## ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା



ଭୁବନେଶ୍ୱର, ୭/୫: ଆଜି ପୂର୍ବାହ୍ନରେ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କୀତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ସ୍ଥାନୀୟ ପାନ୍ଥନିବାସରେ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଶ୍ରମ ଓ ଇ.ଏସ୍.ଆଇ ବିଭାଗ ଆୟୁକ୍ତ ଶ୍ରୀ ଅଞ୍ଜନ କୁମାର ମାଣିକ ଯୋଗଦାନ କରି କହିଲେ ଯେ, ସମ୍ପ୍ରତି ସମାଜରେ ଯେପରି ଶିଶୁ ନିର୍ଯ୍ୟାତନା ଘଟୁଛି ଏହା ଆମ ସମାଜ ପାଇଁ ଏକ କଳଙ୍କ । ଶିଶୁ ନିର୍ଯ୍ୟାତନାକୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ଶିଶୁର ମୁଣ୍ଡରୁ ଶ୍ରମର ବୋଝ ହଟାଇ ଶିକ୍ଷା ପ୍ରଦାନ କରିବା ହିଁ ସମାଜର କଲ୍ୟାଣ । ସମାଜର ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଓ ଭୂମିକା ହେଉଛି ଶିଶୁମାନଙ୍କର ସ୍ଥାନ କାର୍ଯ୍ୟକ୍ଷେତ୍ର ନହୋଇ ଶିକ୍ଷାକ୍ଷେତ୍ର ହେବା ଦରକାର ।


Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 **Email : odishamanthan@gmail.com**

● **Editor : Sarat Raut** Managing Editor - Bibhuti Bhusan Patra ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର **ସଂପାଦକ: ଶରତ ରାଉତ**